Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:315✦ 15 March 2026 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୩୧୫✦ ୧୫ ମାର୍ଚ୍ଚ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ଚେତାବନୀ ସତ୍ତ୍ୱେ ମନମୁଖୀ କାର୍ଯ୍ୟ କରିଥିଲେ ଟ୍ରମ୍ପ :

### ହର୍ମୁଜ୍ ବନ୍ଦ ହେବାର ବିପଦ ଜାଣି ମଧ୍ୟ ୫ ଜଣିଆ ଦଳ ଯୁଦ୍ଧ କରିବାକୁ ନେଇଥିଲେ ତରବରିଆ ନିଷ୍ପତି

ୱାଶିଂଟନ,୧୪/୩: ମଧ୍ୟପ୍ରାଚ୍ୟକୁ ଅରାଜ ଦେଇଥିବା ଅପରେସନ୍ ଏପିକ୍ ଫ୍ୟୁରି ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ସମ୍ପୂର୍ଣ୍ଣ ମିଶନ୍ ଏତେ ଗୋପନୀୟତାର ସହିତ ଯୋଜନା କରାଯାଇଥିଲା ଯେ, ଆମେରିକାର ଶୀର୍ଷ ନେତାମାନେ ମଧ୍ୟ ଏହା ବିଷୟରେ ସେତେବେଳେ ଜାଣିପାରିଲେ ଯେତେବେଳେ ବୋମା ବିସ୍ଫୋରଣର ଖବର ସୋସିଆଲ ମିଡିଆରେ ପ୍ରସାରିତ ହେବା ଆରମ୍ଭ ହୋଇଥିଲା । ଏହି ଅପରେସନ୍‌ର ରିମୋଟ୍ କଣ୍ଟ୍ରୋଲ୍ କେବଳ ଡୋନାଲ୍ଡ ଟ୍ରମ୍ପ, ଜେଡି ଭାନ୍ସ, ମାର୍କୋ ରୁବିଓ, ପିଟ୍ ହେଗସେଥ୍ ଏବଂ ଜେନେରାଲ କେନ୍‌ଙ୍କ ହାତରେ ଥିଲା । ଏହି ୫ ଜଣ ଯୁଦ୍ଧ ବିଷୟରେ ଅବଗତ ଥିଲେ । ବୈଦେଶିକ ବିଭାଗ ମଧ୍ୟ ଆମେରିକୀୟମାନଙ୍କୁ ବହୁତ ବିଳମ୍ବରେ ଏହି ଅଟ୍‌କଳ ଖାଲି କରିବାକୁ ପରାମର୍ଶ ଦେଇଥିଲା । ସେତେବେଳେକୁ ଅନେକ ଉଡ଼ାଣ ବନ୍ଦ ହୋଇଯାଇଥିଲା ଏବଂ ଆକାଶପଥ ବନ୍ଦ ହୋଇଯାଇଥିଲା । ଏହା ଯୋଗୁ ହଜାର ହଜାର ଫସି ରହିଥିବା ଆମେରିକୀୟଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି । ସେମାନଙ୍କର ସୁରକ୍ଷିତ ସ୍ଥାନାନ୍ତର ପାଇଁ କୌଣସି ସ୍ପଷ୍ଟ ଯୋଜନା ନଥିଲା, କିମ୍ବା ଯଦି ଇରାନ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିଦିଏ ତେବେ ବିଶ୍ୱର ଶକ୍ତି ଯୋଗାଣକୁ କିପରି ସୁରକ୍ଷିତ ରଖାଯିବ ସେ ବିଷୟରେ ପ୍ରଶାସନ ଆଲୋଚନା କରିନଥିଲା ।ସମସ୍ତଙ୍କ ମନରେ ପ୍ରଶ୍ନ ଥିଲା ଯେ, ଯଦି ଇରାନ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦିଏ, ତେବେ ଏହାକୁ ପୁନର୍ଖୋଲିବା ପାଇଁ କ'ଣ ପଦକ୍ଷେପ ନିଆଯିବ । ଏହି ବିଷୟ ପାଇଁ କୌଣସି ଠୋସ୍ ଯୋଜନା କରାଯାଇ ନଥିଲା । ଏପରି ପ୍ରଶ୍ନ ଉଠାଇବାର କ୍ଷମତା ଥିବା ଅଧିକାରୀମାନଙ୍କୁ ମଧ୍ୟ ପ୍ରକ୍ରିୟାରୁ ବାହାରେ ରଖାଯାଇଥିଲା । ପ୍ରଶାସନ କହିଥିଲା, ଶୀଘ୍ର ନିଷ୍ପତ୍ତି ନେବା ଏବଂ ସୂଚନା ଲିକ୍‌ରୋକିବା ପାଇଁ ଏକ ଛୋଟ ୫ ଜଣିଆ ଦଳ ଗଠନ କରାଯାଇଥିଲା । ତେବେ ଆମେରିକୀୟ ବିଶେଷଜ୍ଞମାନଙ୍କ ମତରେ ଶୀଘ୍ର ନିଷ୍ପତ୍ତି ନେବା ଏବଂ ଗୋପନୀୟତା ବଜାୟ ରଖିବା ଦୁଇଟି ଭିନ୍ନ ଜିନିଷ । ଯୁଦ୍ଧ ଭଳି ଏକ ପ୍ରମୁଖ ପଦକ୍ଷେପ ପାଇଁ ଯଥେଷ୍ଟ ପ୍ରସ୍ତୁତିର ଆବଶ୍ୟକତା ରହିଥାଏ । ଇରାନ ଯୁଦ୍ଧ ସମୟରେ, ଅନେକ ବିଭାଗ ମାତ୍ର ମାସ ଯୋଜନା କରିବାରେ ବିତାଇଥିଲେ, ତଥାପି ସବୁକିଛି ଯୋଜନା ଅନୁଯାୟୀ ହୋଇନଥିଲା । ଏହି ସମୟରେ, ଅପରେସନ୍ ଏପିକ୍ ଫ୍ୟୁରି କେବଳ କିଛି ବ୍ୟକ୍ତିଙ୍କ ଦ୍ୱାରା ନିଆଯାଇଥିବା ଏକ ନିଷ୍ପତ୍ତି ବୋଲି କୁହାଯାଉଛି । ଅଧିକ ଆଲୋଚନା ବିନା ଏତେ ବଡ଼ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଯୋଗୁ ଏବେ ବିଶ୍ୱ ସଙ୍କଟରେ ପଡ଼ିଛି ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି ।

## ମଧ୍ୟପ୍ରାଚ୍ୟ ମହାସଂଗ୍ରାମ :

### ଆମେରିକୀୟ ଦୂତାବାସ ଉପରେ ଆକ୍ରମଣ କଲା ଇରାନ

ତେହେରାନ,୧୪/୩: ଇରାନ ରକ୍ତମୁଖୀ ହେବାରେ ଲାଗିଛି । ଆମେରିକା ଓ ଇସ୍ରାଏଲ ଉପରେ ପ୍ରତିଶୋଧ ନେବାରେ ଲାଗିଛି । ଅତଏବ ଯାଇଥିବା ଏକ ପ୍ରୋଜେକ୍ଟାଇଲର ଇସ୍ପାତଶେଷ ଦୁବାଇର ଆର୍ଥିକ କେନ୍ଦ୍ରରେ ଥିବା ଏକ ଛୋଟା ଉପରେ ପଡ଼ିଛି । ରିପୋର୍ଟ ଅନୁଯାୟୀ, ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଦୁବାଇରେ ଏହା ଦ୍ୱିତୀୟ ଆକ୍ରମଣ । ଏଥିରେ କୌଣସି ଅଗ୍ନିକାଣ୍ଡ ଘଟି ନାହିଁ କିମ୍ବା କେହି ହତାହତ ହୋଇଥିବାର ରିପୋର୍ଟ ମିଳି ନାହିଁ । ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି ବୋଲି ଦୁବାଇ ମିଡିଆ ଅଫିସ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛି । ଇରାନର ରାଜଧାନୀ ତାରାବାଦ୍‌ରେ ଥିବା ଆମେରିକୀୟ ଦୂତାବାସ ଉପରେ ଇରାନ ଏକ କ୍ଷେପଣାସ୍ତ୍ର ମାଡ଼ କରିଛି । ଦୁଇ ଜଣ ଇରାକୀ ସୁରକ୍ଷା ଅଧିକାରୀ କହିଛନ୍ତି, ବାଗଦାଦ୍‌ରେ ଥିବା ଆମେରିକୀୟ ଦୂତାବାସ ପରିସର ଭିତରେ ଏକ ହେଲିପ୍ୟାଡ୍‌ରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି । ତେବେ ଏନେଇ ବାଗଦାଦ୍‌ରେ ଥିବା ଆମେରିକୀୟ ଦୂତାବାସ ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ । ଶୁକ୍ରବାର ଦୂତାବାସ ଇରାକ ପାଇଁ ସ୍ତର-୪ ସୁରକ୍ଷା ସତର୍କତା ଜାରି କରିଥିଲା । ଏଥିରେ ଚେତାବନୀ ଦିଆଯାଇଥିଲା ଯେ ଇରାକ ତଥା ଇରାନ-ସମର୍ଥିତ ମିଳିସିଆ ଗୋଷ୍ଠୀଗୁଡ଼ିକ ପୂର୍ବରୁ ଆକ୍ରମଣ କରିଥିବା ଆମେରିକୀୟ ଭିତ୍ତିଭୂମିକୁ ପୁଣି ଥରେ ଟାର୍ଗେଟ କରିପାରନ୍ତି । ବାଗଦାଦ୍‌ରେ ଥିବା ଆମେରିକୀୟ ଦୂତାବାସ, ବିଶ୍ୱର ସବୁଠାରୁ ବଡ଼ ଆମେରିକୀୟ କୂଟନୈତିକ ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ । ଅତୀତରେ ଇରାନ-ସମର୍ଥିତ ମିଳିସିଆ ଦ୍ୱାରା ବାରମ୍ବାର ରକେଟ ଏବଂ ଡ୍ରୋନ ଆକ୍ରମଣରେ ଏହାକୁ ଟାର୍ଗେଟ କରାଯାଇଛି । ଇରାନରେ ଅନେକ ଇରାନ-ସମର୍ଥିତ ମିଳିସିଆ ଗୋଷ୍ଠୀ ଅଛନ୍ତି ଯେଉଁମାନେ ଏହି ଆକ୍ରମଣ କରିବା ପାଇଁ ଇରାନ ସହିତ ସମନ୍ୱୟ ସ୍ଥାପନ କରୁଛନ୍ତି ।

## ନବୀନ-ଜୟନାରାୟଣ ମୁହାଁମୁହିଁ

ଭୁବନେଶ୍ୱର,୧୪/୩: ଆସନ୍ତା ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ଭାଜପା ବିଧାୟକ ଜୟନାରାୟଣ ମିଶ୍ର ମୁହାଁମୁହିଁ ହୋଇଛନ୍ତି । ଘୋଡ଼ା କେପାର ନେଇ ଦୁଇ ନେତା ପରସ୍ପରକୁ ଆକ୍ଷେପ କରିଛନ୍ତି । ବିଜେପି ଘୋଡ଼ା କେପାର କରୁଛି । ଏହା ଅପରାଧ ବୋଲି ନବୀନ କହିଥିବାବେଳେ ଜୟନାରାୟଣ କହିଛନ୍ତି ନବୀନଙ୍କର ଘୋଡ଼ା କେପାରର ଅଭିଜ୍ଞତା ରହିଛି । ଆମେ ଘୋଡ଼ା କେପାର କରୁନୁ, ବିବେକାନୁମୋଦିତ ଭୋଟ୍ ମାଗିଛୁ ।

## ଓଲଟିଲା ସିଲିଣ୍ଡର ବୋଝେଇ ଟ୍ରକ୍

ନୂଆଦିଲ୍ଲୀ,୧୪/୩: ତଳିଲା ବଡ ଅଘଟଣ । ରାଜସ୍ଥାନର ଜିଶନଗଡ଼ରେ ଏକ ଘଣ୍ଟାସ ସିଲିଣ୍ଡର ବୋଝେଇ ଟ୍ରକ୍ ଓଲଟି ପଡିଛି । ପୁରୁଣା ଟୋଲ୍ ବୁଥ୍ ନିକଟରେ ଏହି ଦୁର୍ଘଟଣା ଘଟିଛି । ଏଥିରେ ଟ୍ରକ୍ ଡ୍ରାଇଭର ଗୁରୁତର ହୋଇଛନ୍ତି । ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି ।

## ଭାରତୀୟ ବାୟୁସେନାର 'ତରଙ୍ଗ ଶକ୍ତି ୨.୦'

### ଏକସଙ୍ଗେ ଉଡ଼ିବ ଅନେକ ଦେଶର ଫାଇଟର୍ ଜେଟ୍

ନୂଆଦିଲ୍ଲୀ,୧୪/୩: ଭାରତୀୟ ବାୟୁସେନା ଚଳିତ ବର୍ଷ ଶେଷରେ ନିଜର ସବୁଠୁ ବଡ଼ ବହୁରାଷ୍ଟ୍ରୀୟ ବାୟୁ ଯୁଦ୍ଧାଭ୍ୟାସ 'ତରଙ୍ଗ ଶକ୍ତି ୨.୦'ର ପ୍ରସ୍ତୁତି ଆରମ୍ଭ କରିଛି । ଏହାର ଅଭ୍ୟାସ ରାଜସ୍ଥାନର ଯୋଧପୁରରେ ହେବ । ସେପଟେମ୍ବର-ଅକ୍ଟୋବରରେ ଦୁଇ ସପ୍ତାହ ଧରି ଯୁଦ୍ଧାଭ୍ୟାସ ଚାଲିବ । ଏଥିରେ ଅନେକ ବନ୍ଧୁ ରାଷ୍ଟ୍ରର ଫାଇଟର ଜେଟ୍ ଭାରତୀୟ ବାୟୁସେନାର ବିମାନ ସହ ମିଶି ଜଟିଳ ଯୁଦ୍ଧାଭ୍ୟାସ କରିବେ । ତରଙ୍ଗ ଶକ୍ତି ଭାରତର ଏପର୍ଯ୍ୟନ୍ତର ସବୁଠୁ ବଡ଼ ବହୁରାଷ୍ଟ୍ରୀୟ ଅଭ୍ୟାସ । ଏହାର ପ୍ରଥମ ସଂସ୍କରଣ ୨୦୨୪ରେ ବୁଇଟି ତରଙ୍ଗରେ ହୋଇଥିଲା । ଅଗଷ୍ଟ ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ସୁଲୁର ବାୟୁସେନା ଷ୍ଟେସନରେ ପ୍ରଥମ ଚରଣ ହୋଇଥିଲା । ଏଥିରେ ୟୁରୋପୀୟ ଦେଶମାନଙ୍କର ବାୟୁସେନା ଯୋଗ ଦେଇଥିଲେ । ଫ୍ରାନ୍ସର ରାଫେଲ, ଜର୍ମାନୀ, ସ୍ପେନ୍ ଓ ବ୍ରିଟେନର ୟୁରୋଫାଇଟର ଟାଇଫୁନ୍ ଜେଟ୍ ଭାଗ ନେଇଥିଲେ । ୨ୟ ଚରଣ ୨୯ ଅଗଷ୍ଟରୁ ୧୪ ସେପଟେମ୍ବର ପର୍ଯ୍ୟନ୍ତ ଯୋଧପୁରରେ ହୋଇଥିଲା । ଏଥିରେ ଅଷ୍ଟ୍ରେଲିଆର ଇଏ-୧୮ଜି ଗ୍ରାଉଲର, ଗ୍ରୀସ୍ ଓ ୟୁଏଇର ଏଫ୍-୧୬, ଆମେରିକାର ଏ-୧୦ ଥଣ୍ଡରବୋଲ୍ଟ ୨ ଏବଂ ଏଫ୍୧୬ ସାମିଲ ହୋଇଥିଲା । ମୋଟ୍ ୨୭ ବିଦେଶୀ ଫାଇଟର ଜେଟ୍ ଅଭ୍ୟାସ କରିଥିଲେ । ଭାରତୀୟ ବାୟୁସେନା ନିଜର ପ୍ରାୟ ସମସ୍ତ ପ୍ରମୁଖ ବିମାନ- ରାଫେଲ, ସୁଖୋଇ ସୁମ୍ପାଂଏମକେଆଇ, ମିରାଜ ୨୦୦୦, କାସୁଆର, ଜେଗୁଆର, ମିଗ୍-୨୯ ଓ ପ୍ରଚଣ୍ଡ ହେଲିକପ୍ଟରକୁ ଯୁଦ୍ଧାଭ୍ୟାସରେ ଉଡାରିଥିଲା । ଅଭ୍ୟାସରେ ଅନେକ ଐତିହାସିକ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା । ୩ ସେନାର ଉପାଧ୍ୟକ୍ଷମାନେ ସ୍ୱଦେଶୀ ତେଜସରେ ଉଡ଼ିଥିଲେ । ଫ୍ରାନ୍ସ ଓ ଜର୍ମାନୀର ଏୟାର ଚିଫ୍ ତେଜସରେ ଉଡ଼ିଥିଲେ । ସ୍ପେନ୍‌ର ଏୟାର ଚିଫ୍ ସୁଖୋଇ ସୁ-୩୦ଏମକେଆଇରେ ଉଡ଼ିଥିଲେ । ଯୋଧପୁରରେ ହେବାକୁ ଯାଉଥିବା ୨ୟ ସଂସ୍କରଣରେ ଅଭ୍ୟାସ ବଡ଼ ଓ ଜଟିଳ ହେବ । ଅନେକ ବେଶର ଜନ୍ମତ ଫାଇଟର ଜେଟ୍ ଭାଗ ନେବେ । ବାୟୁ ଯୁଦ୍ଧର ପ୍ରସ୍ତୁତିକୁ ଆହୁରି ମଜଭୁତ କରିବା, ବିଭିନ୍ନ ବିମାନ ମଧ୍ୟରେ ଉତମ ତାଳମେଳ ବଢ଼ାଇବା ଏବଂ ଯୁଦ୍ଧ ରଣନୀତିକୁ ପରଖିବା ଏହାର ଉଦ୍ଦେଶ୍ୟ । ଏହି ଅଭ୍ୟାସ ଭାରତର ବୃଦ୍ଧି ପାଉଥିବା ସୈନ୍ୟ ଶକ୍ତି ଓ ଇଣ୍ଡୋ-ପାସିଫିକ୍ କ୍ଷେତ୍ରରେ ଏହାର ମହତ୍ପୂର୍ଣ୍ଣ ଭୂମିକାକୁ ବର୍ଣ୍ଣାଇବ ।

## ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଭୀଷଣ ହେଉଛି :

### ଇରାନରେ ଆକ୍ରମଣ, ୨୦୦ ଟାର୍ଗେଟ୍ ଧ୍ୱସ୍ତ

ଓ୍ୱାଶିଂଟନ/କେରୁଜେଲମ/ତେହେରାନ,୧୪/୩ : 'ଅପରେସନ୍ ଏପିକ୍ ଫ୍ୟୁରି'ର ୧୪ତମ ଦିବସରେ ଇରାନ ଓ ଇସ୍ରାଏଲ ପରସ୍ପର ଉପରେ ଭୀଷଣ ଆକ୍ରମଣ କରିଛନ୍ତି । ଇରାନର ପରମାଣୁ ଭିତ୍ତିଭୂମିକୁ ଧ୍ୱଂସ ପାଇଁ ଇସ୍ରାଏଲ ଗତରାତିରେ ଶତାଧିକ ଯୁଦ୍ଧ ବିମାନ ବ୍ୟବହାର କରି ଭୟାନକ ଆକ୍ରମଣ କରିଛି । ୨୪ ଘଟାଂରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ୨୦୦ରୁ ଅଧିକ ଲକ୍ଷ୍ୟସ୍ଥଳରେ ଆକ୍ରମଣ କରି ଏହାକୁ ଧ୍ୱସ୍ତ କରିଥିବା ନିଶ୍ଚିତ କରିଛି । ନାଟାଞ୍ଜ ଏବଂ ଫୋର୍ଡୋର ସୁରକ୍ଷିତ ପରମାଣୁ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍‌କରି ବଡ଼ାଧରଣର ବଙ୍କ-ବିଷ୍ଫୋରକ ବୋମାମାଡ଼ କରାଯାଇଛି । ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଭୀଷଣ ଆକ୍ରମଣ ଜାରି ରଖିଛି । ତେଲ୍ ଅବିଭ୍ ଉପରେ ଶତାଧିକ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ ହୋଇଛି । ଉପସାଗରୀୟ ଦେଶମାନେ ଆମେରିକାକୁ ସାମରିକ ସହଯୋଗ କରୁଥିବାରୁ ଇରାନ ଏହି ରାଷ୍ଟ୍ରଗୁଡ଼ିକୁ ଟାର୍ଗେଟ୍ କରି ଆକ୍ରମଣ ଚଳାଇଛି । ଏହି ସ୍ଥିତି ମଧ୍ୟପ୍ରାଚ୍ୟର ଭୂ ରାଜନୈତିକ ସଙ୍କଟକୁ ଆହୁରି ଜଟିଳ କରିଛି । ଏପଟେ ତେହେରାନ ବିସ୍ଫୋରଣରେ ଥରୁଛି । ଆମେରିକାର ବି-୨ ବୋମାବର୍ଷୀ ବିମାନ ଓ ଇସ୍ରାଏଲର ଏଫ୍-୩୫ ବିମାନଗୁଡ଼ିକ ଇରାନ ସେନାର କମାଣ୍ଡ ସେଣ୍ଟରକୁ ବ୍ୟବସ୍ଥିତ ଭାବେ ଧ୍ୱଂସ କରୁଛନ୍ତି । ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ତାଙ୍କ ଉତରାଧିକାରୀ ମୋଜତବା ଖେମିନି ଏକ ସୁରକ୍ଷିତ ସ୍ଥାନରେ ରହିଛନ୍ତି ଏବଂ 'ଶେଷ ରକ୍ତ ବିନ୍ଦୁ ପର୍ଯ୍ୟନ୍ତ ପ୍ରତିଶୋଧ' ନେବାକୁ ଶପଥ ନେଇଛନ୍ତି । ଯୁଦ୍ଧ ଯୋଗୁଁ ପ୍ରାୟ ୩୨ ଲକ୍ଷରୁ ଅଧିକ ଇରାନ ନାଗରିକ ବାସହରା ହୋଇଛନ୍ତି । ଇରାନର ବୁରଗାମା ଆମ୍ବାଘାତୀ ଡ୍ରୋନ୍ ଓ କ୍ରୁଜ୍‌ମିସାଇଲଗୁଡ଼ିକ ସାଉଦିଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନର ତୈଳ ଏବଂ ଜଳ ବିଶୋଧନ ଭିତ୍ତିଭୂମି ଉପରେ ଆକ୍ରମଣ କରିଛି । ଓମାନର ଶିଳ୍ପ ସହର ସୋହାରରେ ହୋଇଥିବା ଏକ ଡ୍ରୋନ୍ ଆକ୍ରମଣରେ ୨ ଜଣ ଭାରତୀୟ ପ୍ରାଣ ହରାଇଛନ୍ତିଏବଂ ୧୦ ଜଣ ଆହତ ହୋଇଛନ୍ତି । ଅନେକ ପ୍ରମୁଖ ତୈଳ ପ୍ରକ୍ରିୟାକରଣ ଓ ପରିବହନ ବ୍ୟବସ୍ଥା ଉପରେ ଆକ୍ରମଣ ହୋଇଥିବାରୁ ବିଶ୍ୱ ବଜାରରେ ତୈଳ ଦର ବ୍ୟାରେଲ୍‌ପିଛା ୧୦୦ ଡଲାରରୁ ଅଧିକ ହୋଇସାରିଛି । ଇରାନ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ଷ୍ଟ୍ରେଟ୍ ମାର୍ଗରେ ଅତ୍ୟାଧୁନିକ ସ୍ମାର୍ଟ ମାଇନ୍ସ ଓ ଜାହାଜ ବିରୋଧୀ କ୍ଷେପଣାସ୍ତ୍ର ନିୟୋଜିତ କରିଛି, ଯାହା ଫଳରେ ବିଶ୍ୱର ୨୦% ପେଟ୍ରୋଲିୟମ ପରିବହନ ବାଧାପ୍ରାପ୍ତ ହୋଇଛି ।

## ମଧ୍ୟପ୍ରାଚ୍ୟ ଯୁଦ୍ଧ: ଭାରତରେ ଫସି ରହିଥିବା ବିଦେଶୀଙ୍କୁ ଆଶ୍ୱସ୍ତି

## ୩୦ ଦିନର ଭିସା ବୃଦ୍ଧି ମଞ୍ଜୁର

ନୂଆଦିଲ୍ଲୀ,୧୪/୩: ଇରାନ-ଇସ୍ରାଏଲ-ଆମେରିକା ଯୁଦ୍ଧ ସମସ୍ତଙ୍କୁ ଚିନ୍ତିତ କରିଛି । ଏହି ଯୁଦ୍ଧର ପ୍ରଭାବ ଏବେ ସାଧାରଣ ଲୋକ ମଧ୍ୟ ଅନୁଭବ କରୁଛନ୍ତି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ହଜାର ହଜାର ଲୋକ ବିଭିନ୍ନ ଦେଶରେ ଫସି ରହିଛନ୍ତି । ବର୍ତ୍ତମାନର ପରିସ୍ଥିତିକୁ ବୁଝିରେ ରଖି, ଭାରତ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଯାହା ଦ୍ୱାରା ଭାରତରେ ଫସି ରହିଥିବା ଉପସାଗରୀୟ ଦେଶଗୁଡ଼ିକର ଲୋକଙ୍କୁ ଆଶ୍ୱସ୍ତି ମିଳିପାରିବ । ଇରାନ ଉପରେ ଆମେରିକା-ଇସ୍ରାଏଲ ଯୁଦ୍ଧ ଯୋଗୁଁ ଦେଶରେ ଫସି ରହିଥିବା ବିଦେଶୀ ନାଗରିକମାନଙ୍କୁ ଭାରତ ୩୦ ଦିନର ଭିସା ବୃଦ୍ଧି ପ୍ରଦାନ କରିବ ଏବଂ ଓଭରଷ୍ଟେ ଜରିମାନା ଛାଡ଼ କରିବ । ଦୂତାବାସରେ ଥିବା ଭାରତୀୟ ଦୂତାବାସ ଘୋଷଣା କରିଛି ଯେ, ଉପସାଗରୀୟ ଅଟ୍‌କଳରେ ଚାଲିଥିବା ସଂଘର୍ଷ ଯୋଗୁଁ ଭାରତ ଛାଡି ପାରୁନଥିବା ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ଲାଗି ଏହି ପଦକ୍ଷେପ ପ୍ରଚଳନ କରାଯାଇଛି, କାରଣ ଅନେକ ଦେଶକୁ ବିମାନ ଚଳାଚଳ ଏବେ ବି ବାଧାପ୍ରାପ୍ତ ହେଉଛି । ଦୂତାବାସ ପକ୍ଷରୁ କୁହାଯାଇଛି ଯେ ସମସ୍ତ ଭିସା/ଇ-ଭିସା ଯାହାର ମିଆଦ ଶେଷ ହେଉଛି କିମ୍ବା ଶେଷ ହେବାକୁ ଯାଉଛି, ସେଗୁଡ଼ିକୁ ସମ୍ପୂର୍ଣ୍ଣ ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ ଏଫ୍‌ଆରଓଆରଓ ଦ୍ୱାରା ପ୍ରଭାବିତ ନାଗରିକଙ୍କ ପାଇଁ ପ୍ରତ୍ୟେକ ମାମଲା ଆଧାରରେ ମାଗଣାରେ ଏକ ମାସ ପାଇଁ ବୃଦ୍ଧି କରାଯିବ । ବିଦେଶୀ ନାଗରିକଙ୍କ ଦ୍ୱାରା ହୋଇଥିବା ଯେକୌଣସି ଅଧିକ ସମୟ ପର୍ଯ୍ୟନ୍ତ ରହିବା ଜରିମାନା ଛାଡ଼ କରାଯିବ । ଦୂତାବାସ ଘୋଷଣା କରିଛି, ପ୍ରଭାବିତ ବିଦେଶୀ ନାଗରିକମାନଙ୍କୁ ପ୍ରସ୍ତାନ ଅନୁମତି ପ୍ରଦାନ କରାଯିବ । ଏହା ବ୍ୟତୀତ, ପ୍ରସ୍ଥାନ ଅନୁମତି ପାଇଁ ଆବେଦନ ନ କରିବା କିମ୍ବା ଭିସା ବୃଦ୍ଧି ନ ପାଇବାକୁ ପ୍ରତାସ ଆଚରନର ଉଲ୍ଲଂଘନ ବୋଲି ବିବେଚନା କରାଯିବ ନାହିଁ । ପଶ୍ଚିମ ଏସୀୟ ଆକାଶମାର୍ଗରେ ବାଧା ସୃଷ୍ଟି ହେବା ଯୋଗୁଁ ଯେଉଁ ବିଦେଶୀ ନାଗରିକମାନଙ୍କର ବିମାନ ଭାରତକୁ ସ୍ଥାନାନ୍ତରିତ ହୋଇଛି ସେମାନଙ୍କୁ ଭାରତ ମାଗଣା ଅସ୍ଥାୟୀ ଅବତରଣ ଅନୁମତି (ଟିଏଲ୍‌ଏଫ୍)ଦେବାକୁ ନିଷ୍ପତି ନେଇଛି ।

## ନୂଆଦିଲ୍ଲୀରେ 'ଓଡ଼ିଶା ପର୍ବ-୨୦୨୬' ଉଦ୍‌ଘାଟିତ

### ନିଜକୁ ଓଡ଼ିଆର ପରିଚୟ ଦେବାର ସାହସ ଓ ଗର୍ବ ରଖନ୍ତୁ ଯୁବପିଢ଼ି : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪/୩: ଆମର ମୂଳ ଲକ୍ଷ୍ୟ ହେଉଛି ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆ ଯୁବକ ଯୁବତୀମାନେ ଦେଶରେ ନିଜର ପରିଚୟକୁ ପ୍ରତିପାଦିତ କରନ୍ତୁ ଏବଂ ଓଡ଼ିଶା ଭାବେ ନିଜକୁ ପରିଚୟ ଦେବାର ଗର୍ବ ଓ ସାହସ ଦେଖାନ୍ତୁ । ଶୁକ୍ରବାର ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସ ଠାରେ ଆୟୋଜିତ 'ଓଡ଼ିଶା ପର୍ବ-୨୦୨୬'କୁ ଉଦଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶା ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ପରିଚୟର ମୂଳଦୁଆ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ମହାପ୍ରଭୁଙ୍କ ଆଶୀର୍ବାଦରୁ ଆଜି ବିଶ୍ୱ ବରବାରରେ ଓଡ଼ିଆମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ରାଷ୍ଟ୍ରୀୟ ରାଜଧାନୀରେ ଆୟୋଜିତ ଏହି ପର୍ବ ଆମ ଅସ୍ମିତାକୁ ପୁନଃସ୍ଥାପିତ କରିବାର ଏକ ମହାନ ଅବସର । 'ଓଡ଼ିଶା ପର୍ବ' ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଏବଂ ବନ୍ଧବାର ଅପୂର୍ବ ସମନ୍ୱୟ । ତେବେ ଚଳିତ ବର୍ଷର ଏହି ଉତ୍ସବ ଅଧିକ ଗୌରବମୟ, କାରଣ

# କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


## ସରକାରୀ ମହିଳା ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗର ଜାତୀୟ ପାଠଚକ୍ରର ଉଦ୍‌ଯାପନୀ

କେନ୍ଦୁଝର, ୧୪/୩ (ନି/ପ୍ର): ସରକାରୀ ମହିଳା ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ତରଫରୁ ଦ୍ୱିବିବସୀୟ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ଡକ୍ଟର ଲଳିତ ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଦ୍ୱି ବିବସୀୟ ଜାତୀୟ ପାଠଚକ୍ରରେ ପ୍ରଥମ ଅଧିବେଶନରେ ଅତିଥିଙ୍କ ଦ୍ୱାରା ଆରାଧ ଦେବୀ ମା' ତାରିଣୀଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସଂଗଠନ ସଚିବ ଡକ୍ଟର ଜ୍ଞାନରଞ୍ଜନ ଦାସ ଅତିଥିମାନଙ୍କୁ ସ୍ୱାଗତ ପ୍ରଦାନ କରିବା ସହ ପରିଚୟ ପ୍ରଦାନ କରିଥିଲେ । ଦ୍ୱି-ଦିବସୀୟ ଜାତୀୟ ପାଠ ଚକ୍ରର ବିଷୟ'ଉଦ୍ଭାବନ - ଭିତିକ ଉଦ୍ୟୋଗୀତ : ନିରନ୍ତର ବିକାଶ ଏବଂ ଅଭିବୃଦ୍ଧି ଥିଲା ' ସମ୍ପର୍କରେ ଆଲୋଚନା ହୋଇଥିଲା । ବାଣିଜ୍ୟ ବିଭାଗର ମୁଖ୍ୟ ତଥା ଜାତୀୟ ପାଠଚକ୍ରର ସଂଯୋଜକ ଡକ୍ଟର ଅଜିତ୍ କୁମାର ବରାଳ ଆଲୋଚନା ହେବାକୁ ଥିବା ବିଷୟବସ୍ତୁର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନାପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଆର୍ଚେଟ ଷ୍ଟିଲ୍ ଲିମିଟେଡର ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଗୁଡି ମୁତାବକ ଜଭାଦାନ କଲେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବ । ନୂତନ ଉଦ୍ୟୋଗର ସଫଳତା ହାର ମାତ୍ର ତିନି ପ୍ରତିଶତ ହେଲେ ମଧ୍ୟ ଏହାର ଅଭିବୃଦ୍ଧି ଅତୁଳନୀୟ । ଏହି ଅବସରରେ ମୁଖ୍ୟ ବକ୍ତାଭାବେ ଖଡଗପୁରରେ ଥିବା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଓଖଞ୍ଜ)ର ବିନୋଦ ଗୁପ୍ତା ପରିଚାଳନା ବିଦ୍ୟାଳୟର ବିଭାଗ ମୁଖ୍ୟ ଡକ୍ଟର ରୁଦ୍ର ପ୍ରଜାଶ ପ୍ରଧାନ ଯୋଗଦେଇ ଉଦ୍ୟୋଗରେ ନୂତନତ୍ୱକୁ ଭିତିଓ ମାଧ୍ୟମରେ ବୁଝାଇଥିଲେ । ସମ୍ମାନୀୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର୍ ପ୍ରବୋଧ୍ କେଶରୀ ପ୍ରଧାନ ସମ୍ମାନୀତ ବିକାଶ ଏବଂ ବିକଶିତ ଭାରତର ପରିକଳ୍ପନା ୨୦୪୭ ପାଇଁ ନୂତନ ଉଦ୍ୟୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର କିଶୋର କୁମାର ଦାସ ଖୁସିଥିବା ଉଦ୍ୟୋଗରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁ ଉଦ୍ୟୋଗରେ ପିଲାଙ୍କ ଆଗାମୀ ଭବିଷ୍ୟତ ବିଷୟରେ ଦୃଷ୍ଟି ନିକ୍ଷେପ କରିଥିଲେ ।ଜାତୀୟ ଆଲୋଚନା ଚକ୍ରର ଦ୍ୱିତୀୟ ଦିବସରେ ପ୍ରଥମ ଅଧିବେଶନରେ କାଶୀ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ତୁଲିକା ପୃଷ୍ଠିଙ୍କ ଅଧ୍ୟକ୍ଷତାରେ ଅନଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ସୁଜୁ ଗାସିବାସ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଭେଙ୍କଟେଶ୍ୱର୍ ରାଓ ଭନଡୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର୍ ଡକ୍ଟର ପ୍ରିୟବ୍ରତ ପଣ୍ଡା, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ର ବାଣିଜ୍ୟ ବିଭାଗ ମୁଖ୍ୟ ଡକ୍ଟର ରଜନୀକାନ୍ତ ଖୁଣ୍ଟିଆ, ବିଜେଡି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଦ୍ୟୋତିପ୍ରକାଶ ଅଧ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସର୍ବମୋଟ ୧୪ଟି ଭିନ୍ନ ପ୍ରବନ୍ଧ ଗବେଷକ ଓ ଗବେଷିକାଙ୍କ ଦ୍ୱାରା ଉପସ୍ଥାପନ କରିଥିଲେ । ଏହି ଅବସରରେ ଅତିଥି ପରିଚୟ ଅଧ୍ୟାପକ ମନମୋହନ ପଣ୍ଡା ଦେଇଥିବା ବେଳେ ଅଧ୍ୟାପକ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଫେସର୍ ତଥା ପଥଚକ୍ରର ଉପ ସଂଯୋଜକ ଶ୍ରୀମୁଲ୍ ବଳରାମ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମ କିଷାନ ଉତ୍ସବ ଦିବସର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

କେନ୍ଦୁଝର,୧୪/୩(ନି/ପ୍ର): କୁଣ୍ଡିଆ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ 'ପିଏମ କିଷାନ ଉତ୍ସବ ଦିବସ'ର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆସାମର ଗୌହାଟିଠାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ କୃଷକମାନଙ୍କ ବ୍ୟାଙ୍କ ଖାତାରୁ 'ପିଏମ କିଷାନ ଯୋଜନା' ଅନ୍ତର୍ଗତ ୨୨କମ କିସ୍ତିର ସହାୟତା ରାଶି ପ୍ରଦାନ କରିଥିଲେ । ଅନ୍ୟପଟେ, ଓଡ଼ୁଏଡି କୃଷି ସେବା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷକ ସମାଜକୁ ଉଦବୋଧନ ଦେଇଥିଲେ । ସେ ସମସ୍ତ ରାଷ୍ଟ୍ରୀୟ ସରକାରୀ ଯୋଜନାର ସହାୟତା ନେବାକୁ ଆହ୍ୱାନ କରିଥିଲେ । ଜିଲ୍ଲାର ବିଭିନ୍ନ କୁଳକୁ ଆସିଥିବା ଶତାଧିକ କୃଷକ, ବିଭାଗୀୟ ଅଧିକାରୀ ଓ କୃଷି ବୈଜ୍ଞାନିକମାନେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, କେନ୍ଦୁଝର ପୌରାଧ୍ୟକ୍ଷାଶ୍ରୀ ଭାଗିରଥି ସିଂ, ମାନ୍ୟବର ସାଂସଦଙ୍କ ପ୍ରତିନିଧିଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଚନ୍ଦ୍ରଶେଖର ରଥ, ଡିଡିଏସସୋମେନ୍ଦ୍ର ପାଣିଗ୍ରାହୀ, ପିଡି ଖାଟରସେବ୍ଧ ଶ୍ରୀ ଅଶୋକ କୁମାର ସେନାପତି, ଏଡିଆର କିଶୋର ଚନ୍ଦ୍ର ସାହୁ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଶ୍ରୀ ସୁଜାତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।ଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପୃଥ୍ୱିରାଜ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୋଡ଼ାଥାନା ଅନ୍ତର୍ଗତରେ ବାଇକ୍ ଆରୋହୀଙ୍କୁ ମାରିଦେଲା ହାଇୱା

କେନ୍ଦୁଝର, ୧୪/୩(ନି/ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତରେ ମୋଟର ସାଇକେଲ ଆରୋହୀଙ୍କ ହାଇୱା ଧକ୍କାରେ ମୃତ୍ୟୁ । କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ରରେ ଦିନକୁ ଦିନ ବୃଦ୍ଧି ପାଉଛି ସଡ଼କ ଦୁର୍ଘଟଣା । କେନ୍ଦୁଝର ଜିଲ୍ଲା ଯୋଡାଥାନା ଅନ୍ତର୍ଗତ ଯୋଡାଠାରୁ ବାମେବାରୀ ଯାଇଥିବା ରାସ୍ତା ବାଂଶପାଣି ଛକ ନିକଟରେ ଓଡ଼ି- ୦୯ପି – ୨୮୬୫ ନମ୍ବର ବିଶିଷ୍ଟ ଏକ ହାଇୱା ଟ୍ରକ ଯାଇଥିବା ବେଳେ ରାସ୍ତାର ବାମପାର୍ଶ୍ୱରେ ଏକ ବାଇକ୍ ଆରୋହୀ ଯାଉଥିଲେ ଟ୍ରକଟି ତାଙ୍କୁ ଧକ୍କା ଦେଇ ଘୋଷାରି ନେଇ ଯାଇଥିଲା, ଯାହାଫଳରେ ବାଇକ୍ ଆରହୀ ଟ୍ରକ ତଳା ତଳେ ଚାପିହୋଇ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିବା ନେଇ ସୂଚନା । ଖବର ପାଇ ଯୋଡ଼ା ପୋଲିସ ଓ ଅଗ୍ନିଶମ ବାହାନି ଘଟଣା ସ୍ଥଳରେ ପହଁଚି ପ୍ରାୟ ଏକ ଘଂଟା ଲସରେତ କରି ଟ୍ରକ ତଳୁ ମୃତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ନେଇ ସୂଚନା । ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଟ୍ରକ୍ ଚାଳକ ଚମ୍ପଟ ହୋଇଯାଇଛି, ଯୋଡ଼ା ପୋଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକ୍ କୁ ଜବତ୍ କରି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି ଯୋଡ଼ା ପୋଲିସ୍ ।

## କମର୍ସିଆଲ ଗ୍ୟାସ୍ ବନ୍ଦର ପ୍ରଭାବ, ପୁରୀ ବେଳାମାର୍ଗ ଖାଁ ଖାଁ

### ଅଧିକାଂଶ ରେସ୍ତୋରାଟଂ ବନ୍ଦ

ପୁରୀ,୧୪/୩ (ନି/ପ୍ର): ବାଣିଜ୍ୟିକ ଗ୍ୟାସ ବନ୍ଦ ହେବାର ପ୍ରଭାବରେ ପୁରୀରେ ଯାତ୍ରୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ଦେଖିବାକୁ ମିଳିଥିଲା । ଅପରାହ୍ନ ଓ ସନ୍ଧ୍ୟାରେ ଯେଉଁ ସମୟରେ ବେଳାମାର୍ଗରେ ଗାଡ଼ି ନେଇଯିବା ଜଖକର ହୋଇଥାଏ ସେତେବେଳେ ହାତଗଣତି ଗୋଟିଏ ଦୁଇଟି ଗାଡ଼ି ଦେଖିବାକୁ ମିଳିଥିଲା । ବେଳାମାର୍ଗରେ ଥିବା ଅଧିକାଂଶ ଖାଇବା ହୋଟେଲ ଓ ରେସ୍ତୋରାଁ ବନ୍ଦ ରହିଥିଲା । ଜାଁ ଜାଁ ଯେଉଁ ସ୍ଥାନରେ ହୋଟେଲ୍ ଓ ରେସ୍ତୋରାଁ ଖୋଲାଥିଲା ସେଠାରେ ଜାଠ ବୁଲି ଓ ଢୋଲା ଆଜରେ ରୋଷେଇ ହୋଇଥିଲା । ସେହିଭଳି ଖାଦ୍ୟଗୁଡ଼ିକ ଅଧିକ ଦାମ୍‌ରେ ମଧ୍ୟ ବିକ୍ରି ହେଉଥିଲା । ପୁରୀରେ ପ୍ରସ୍ତୁତ ହେଉଥିବା ରାବିଡ଼ି ଓ ଅନ୍ୟାନ୍ୟ ମିଠା ପ୍ରସ୍ତୁତିରେ ମଧ୍ୟ ପ୍ରବଳ ଗ୍ୟାସ୍ ଖର୍ଚ୍ଚ ହୋଇଥାଏ । ଏଣୁ ଗ୍ୟାସ ନ ମିଳିବାରୁ ମନ୍ଦିର ଆଖପାଖରେ ଥିବା ଅଧିକାଂଶ ମିଠା ଦୋକାନ ମଧ୍ୟ ସ୍ୱତନ୍ତ୍ରବାର ବନ୍ଦ ରହିଥିଲା । ରାସ୍ତାରେ ଠେଲା ଓ ଭ୍ୟାନରେ ଦୋକାନ ଖୋଲିଥିବା ବ୍ୟବସାୟୀମାନେ ଦୋକାନ ବନ୍ଦ କରି ନିଜ ନିଜ ଗାଁକୁ ଫେରିବା ଆରମ୍ଭ କରିଛନ୍ତି ।

## ବାଲ୍ୟବିବାହ ନିରାକରଣ ନିମନ୍ତେ ସଚେତନତା କର୍ମଶାଳା

ଭଦ୍ରକ,୧୪/୩(ନି/ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଭଦ୍ରକ ପକ୍ଷରୁ ବାଲ୍ୟ ବିବାହ ନିରାକରଣ ନିମନ୍ତେ ସଚେତନତା କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ସଭାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟି ର ସଦସ୍ୟ ପ୍ରଦୀପ୍ତ କୁମାର ଜଳ, ଶିଶୁ ସୁରକ୍ଷା ଅଧିକାରୀ ଅଦିନୀଶ ମହାନ୍ତି , ଫେଲୋସିପ ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଆଇସିଡିଏସ ର ମହିଳା ପରିବର୍ଣ୍ଣିକା ଶାଲିଳତା ଦାସ ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଶାଖାର ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସ ଙ୍କ ମଂଚ ସଂଯୋଜନା ରେ ବିଷୟ ବିଶାରଦ ରୂପେ ଲଲାଟେନ୍ଦୁ ମହାନ୍ତି ବାଲ୍ୟ ବିବାହ ନିମନ୍ତେ ଆଇନ ଓ ବଦ୍ଧବିଧାନ ର ବିଭିନ୍ନ ଦିଗ ଉପରେ ଆଲୋଚପାତ କରିଥିଲେ । ମୁଖ୍ୟ ଅତିଥି ଜିଲ୍ଲ ବକ୍ତବ୍ୟରେ ବାଲ୍ୟବିବାହ ର କୁ-ପରିଣତି ସହ ଶିଶୁ ର ଶିକ୍ଷା,ସ୍ୱାସ୍ଥ୍ୟ ଓ ଭବିଷ୍ୟତ କିପରି ପ୍ରଭାବିତ ହୁଏ ଦର୍ଶାଇଥିଲେ । ସେହିପରି ପ୍ରମୁଖ ଅତିଥି ମାନେ ବାଲ୍ୟବିବାହ ନିରାକରଣ ପାଇଁ ସଚେତନତା ର ପ୍ରଚାର ପ୍ରସାର ଅଧିକ ଆବଶ୍ୟକ ଓ ଅପ୍ରାପ୍ତ ବୟସ ରେ ବିବାହ ଶିଶୁ ଅଧିକାର ଉଲ୍ଲଘନ କରେ ବୋଲି ମତବ୍ୟକ୍ତ କରିଥିଲେ ।ଜୋଶସି ବ୍ୟକ୍ତି ବାଲ୍ୟବିବାହ ଘଟଣା ସୂଚନା ପାଇବା ମାତ୍ରେ ତୁରନ୍ତ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ, ପୋଲିସ ବା ବାଲ୍ୟବିବାହ ନିରାକରଣ ଅଧିକାରିଣୀ ଙ୍କୁ ଅବଗତ କରିବା ଉଚିତ୍ ବୋଲି କର୍ମଶାଳାରେ ଆଲୋଚପାତ ହୋଇଥିଲା । ଏହି କର୍ମଶାଳା ରେ ବିଭିନ୍ନ ବ୍ଲକ୍ ର ମହିଳା ପରିବର୍ଣ୍ଣିକା,ଅଙ୍ଗନୱାଡ଼ି କର୍ମୀ,ଶିଶୁ ଅନୁଷ୍ଠାନ ର କର୍ମକର୍ତ୍ତା, ସଖୀ ସଂଗଠନ ର ପ୍ରଶାସିକା ପୁଷ୍ପାଞ୍ଜଳି ବେହେରା ,ପରିବାର ପରାମର୍ଶ କେନ୍ଦ୍ର,ଚାଇଲ୍ଡ ଲାଇନ ର ପ୍ରକଳ୍ପ ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ , ଟିମ୍ ସଦସ୍ୟ ରମାକାନ୍ତ ଜେନା,ଲକ୍ଷ୍ମୀ ଜେନା, ଗିରି ବିକ୍ରମ ମହାନ୍ତି,ଚନ୍ଦ୍ରକାନ୍ତ ଗୋହାୟତ, ଅମିତା ଦାସ ଅଂଶଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ୟୁନିଟ ର ସ୍ୱାପତିକା ବାରିକ୍,ବିଶ୍ୱ ନାରାୟଣ ପଣ୍ଡା,ଲକ୍ଷ୍ମୀ ପ୍ରିୟା ମଲ୍ଲିକ,ସୁଭାଶିଷ ମିଶ୍ର, ଲୁକବୀପ ଜେନା, ଧୀରଜ୍ ବାରିକ,ମହେଶ ଚନ୍ଦ୍ର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।ପରିଶେଷରେ ବାହ୍ୟକର୍ମୀ ଦମୟନ୍ତୀ ଦାଶ ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ଯୋଡ଼ା ମହୋତ୍ସବ ପାଳନ ପାଇଁ ପୌରପାଳିକା ସଭାଗୃହରେ ପ୍ରସ୍ତୁତି ବୈଠକ

## ପୋଖରୀକୁ ଗାଧୋଇବାକୁ ଯାଇ ଦୁଇ ଭାଇ ଫେରିଲେନି ଜୀବିତ

କେନ୍ଦୁଝର,୧୪/୩(ନି/ପ୍ର): କେନ୍ଦୁଝର ସଦର ଥାନା ରାଉସୁଆଁ ବଜାର ନିକଟରେ ଥିବା ଟେରା ପୋଖରୀରେ ବୁଡ଼ି ଆଜି ଦୁଇ ଭାଇଙ୍କ ମୃତ୍ୟୁ ହୋଇଯାଇଛି । ମୃତ ଦୁଇ ଭାଇ ହେଲେ ଖୁସହାଲ ଆନସାରି (୧୨) ଏବଂ ଅମନ ଆନସାରି (୯) । ମିଳିଥିବା ସୂଚନା ଅନୁଯାୟୀ ଝାଡ଼ଖଣ୍ଡର ଜାମଡରା ଅଞ୍ଚଳର ଦୁଇଜିନ ଆନସାରି ରାଉସୁଆଁ ସୁଲଲିମ ବସ୍ତିର ଚାନ୍ଦିନୀ ବେଗମଙ୍କୁ ବିବାହ କରିଥିଲେ । ବିବାହର କିଛି ଦିନ ପରେ ଜୀବିକା ନିର୍ବାହ କରିବା ପାଇଁ ରାଉସୁଆଁରେ ଏକ ଭଡ଼ା ଘରେ ରହୁଥିଲେ । ଜାଙ୍କର ଦୁଇଟି ପୁଅ ଖୁସହାଲ ଆନସାରି ଏବଂ ଅମନ ଆନସାରି ଥିଲେ । ଆଜି ଦୁଇଦିନ ଜାମ ପାଇଁ ବାହାରକୁ ଯାଉଥିବା ବେଳେ ଘରେ ମା , ପୁଅ ୩ ଜଣ ଥିଲେ । ପୂର୍ବାହ୍ନ ୧୧ଟା ପାଖାପାଖିରେ ଦୁଇ ଭାଇ ଗାଧୋଇବା ପାଇଁ ଟେରା ପୋଖରୀକୁ ଆସିଥିଲେ । ତେବେ ଗାଧୋଇବା ବେଳେ କେମିତି ଦୁଇ ଭାଇ ପାଣିରେ ବୁଡ଼ି ଯାଇଥିଲେ । କିଛି ସମୟ ପରେ ତାଙ୍କ ମା' ଚାନ୍ଦିନୀ ବେଗମ ପୋଖରୀକୁ ଆସି ଦୁଇ ଛୁଆଙ୍କୁ ପାଇନଥିଲେ । ଫଳରେ ସେ ବିଚଳିତ ହୋଇ ପଡ଼ିଥିଲେ । ଏହି ସମୟେ ସେଠାରେ ଗାଧାଉଥିବା କିଛି ଯୁବକ ଗୋଟିଏ ଛୁଆ ଭାସୁଥିବାର ଦେଖିଥିଲେ । ଙ୍ଗଗେ ଙ୍ଗଗେ ତାକୁ ଉଦ୍ଧାର କରିଥିଲେ । ସେହିପରି ଆଉ କିଛି ଦୂରରେ ଆଉ ଗୋଟିଏ ଛୁଆ ଭାସୁଥିବାର ଦେଖି ତାକୁ ମଧ୍ୟ ଉଦ୍ଧାର କରିଥିଲେ । ଖବର ପାଇ ସଦର ପୁଲିସ ପହଁଚି ଦୁଇ ଛୁଆଙ୍କୁ କେନ୍ଦୁଝର ମୃଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରିଥିଲା । ୨୧୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ଏହି ପୋଖରୀରୁ ମାଟି ନେବା ପାଇଁ ଏହାକୁ ଅତି ଗଭୀର ଭାବେ ଖୋଳି ଦେଇଥିଲେ । ଫଳରେ ଏଠାରେ ବହୁମାତ୍ରାରେ ପାଣି ରହୁଛି । ତେଣୁ ଲୋକଙ୍କ ବ୍ୟବହାରରେ ସମସ୍ୟା ହେବା ସହିତ ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ।

## ବନ୍ଧୁକ ଦେଖାଇ ପୂର୍ତ ବିଭାଗ କର୍ମଚାରୀଙ୍କଠାରୁ ଲୁଟ୍



ରାୟଗଡ଼ା,୧୪/୩(ନି/ପ୍ର): ରାୟଗଡ଼ା ସହର ଫାୟାର ଷ୍ଟେସନ ନିକଟରେ ରହୁଥିବା ଜଣେ ସରକାରୀ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମରଣାତ୍ମକ ଆକ୍ରମଣ କରିବା ସହ ଲୁଟ୍ ହୋଇଥିବା ଜଣାପଡ଼ିଛି ଓ ଆକ୍ରମଣର ଶିକାର ହୋଇଥିବା ବସନ୍ତ କୁମାର ମିଶ୍ର ରାୟଗଡ଼ା ପୂର୍ତ ବିଭାଗରେ କାର୍ଯ୍ୟ କରନ୍ତି । ବସନ୍ତ ଦେଇଥିବା ସୂଚନା ଅନୁଯାୟୀ ସେ ରାତିରେ ଘରେ ଏକୁଟିଆ ଥିଲେ, ଏହି ସମୟରେ ୪/୫ ଯୁବକ ହାତରେ ବନ୍ଧୁକ ଛୁରୀ ଧରି ଘରେ ଜୋରର କବଜାବଣ୍ଡି ଘରେ ପଶିଥିଲେ ଓ ରାତି ୧୧ଟା ରେ ଘରେ ପଶି ସହାକ ୫ଟା ଯାଏଁ ଦୁର୍ବୃତ୍ତମାନେ ବସନ୍ତଙ୍କୁ ମାରପିଟ କରିଥିବା ଜଣାପଡିଛି ଓ ଦୁର୍ବୃତ୍ତମାନେ ସୁନା ଚେନ,ମୁଦି ଓ ଘରୋଇ ଆସବାବପାତ୍ର ଲୁଟି ନେଇଥିବା ବସନ୍ତ କହିଛନ୍ତି ଓ ଏପରକି ଦୁର୍ବୃତ୍ତମାନେ ତାଙ୍କ ବ୍ୟାଙ୍କ ଆକାଂଉଣ୍ଟର ଟଙ୍କା ଉଠାଣ ପର୍ମ ସନ୍ତକ କରି ନେଇଥିବା ଜଣାପଡ଼ିଛି । ବନ୍ଧୁକ ମୁନରେ ଦୁର୍ବୃତ୍ତମାନେ ତାଙ୍କ ଫୋନ ସେ ଆକାଂଉଣ୍ଟରୁ ୧୧ ହଜାର ଟଙ୍କା ନେଇଯାଇଛନ୍ତି ଓ ୬ ଘଂଟା ଧରି ଦୁର୍ବୃତ୍ତମାନେ ରାତିରେ ବସନ୍ତଙ୍କୁ ହାତ ଗୋଡ଼ବାନ୍ଧି ମାରପିଟ କରି ଶାରୀରିକ ଯନ୍ତ୍ରଣା ଦେବା ସହ ଲୁଟ କରିଥିଲେ ଓ ଦୁର୍ବୃତ୍ତମାନେ ସଙ୍କାଳୁ ବାହାର ପଟୁ କବାଟ ବନ୍ଦ କରି ଚାଲି ଯାଇଥିଲେ ଓ ସଙ୍କାଳୁ ଶ୍ରୀ ମିଶ୍ର ଫଂଟାଏ ଧରି ପାଟି କରିବା ପରେ ସାହି ପଡ଼ିସା ଉଦ୍ଧାର କରି ଡି ଏଚ ଏଚଲୁ ଚିକିତ୍ସା ପାଇଁ ଆଣିଥିଲେଓ ଦୁର୍ବୃତ୍ତମାନେ ପୁଲିସ ବିନ୍ଧ ଜାହାଜୁ ଖବର ଦେଲେ ହତ୍ୟା କରିବୁ ବୋଲି ଧମକ ଦେଇଥିବା ବସନ୍ତ ପ୍ରକାଶ କରିଛନ୍ତି ଓ ରାୟଗଡ଼ା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଁଚି ତଦନ୍ତ କରୁଛି ।

## ବ୍ୟାଙ୍କ୍ ଅଫ ମହାରାଷ୍ଟ୍ର ଡକାୟତି ଘଟଣା: ବିହାରରୁ ଆଉ ଜଣେ ଧରାପଡିଲା

ବଡ଼ ବିଲ,୧

# ବିବିଧା

## 'ଇସ୍କ ଗ୍ରାଫିକ୍'ରେ ୭ଟି ଗୀତ

ସାଧାରଣତଃ ଚଳଚ୍ଚିତ୍ରରେ ୪ଟି କିମ୍ବା ୫ଟି ଗୀତ ସ୍ଥାନିତ ହେଉଥିବା ଦେଖାଯାଏ । ତେବେ 'ଇସ୍କ ଗ୍ରାଫିକ୍' ସିନେମାରେ ସମ୍ପୂର୍ଣ୍ଣରୂପେ ୭ଟି ଗୀତ ରହିଛି । ଗୁରୁ ଗୋସ୍ୱାମୀ ଏବଂ ମଜବାଲୁ ଆସିବାକୁ ରହିଛି । ଏଥିରେ ଅନୁ ଜଙ୍ଗ, ରେମୋ ମଲ୍ଲିକ୍, ଜୁଏଲ୍, ଆଲକମ୍ ଜମୁଦାର, ବୁପିଆଲା ଏବଂ ବିଭିନ୍ନ ଗୀତ କର୍ତ୍ତାଙ୍କୁ ଆକର୍ଷିତ କରିବେ । ଦେବୁ ନାୟକ, ରଞ୍ଜନ ନାୟକ, ପୁଷ୍କର ପଟ୍ଟନାୟକ ଓ ଅନ୍ୟାନ୍ୟ ବିଭିନ୍ନ ଲୋକପ୍ରିୟ ଗାୟକ ଗାୟିକା ଗୀତ ଗାଇଛନ୍ତି । ଏହି ଗୀତଗୁଡ଼ିକରେ ଲୁଣ୍ଟୁ ମୁଜିକ୍ ଲାଗିଛି । ଏହି ଗୀତଗୁଡ଼ିକ ଦର୍ଶକଙ୍କୁ ଭାବପ୍ରବଣ କରିବା ସହ ମନୋରଞ୍ଜନର ଭରପୂର ଖୋରାକ ଯୋଗାଇବ ।। ମା'-ପୁଅ ଓ ମାଆଁଙ୍କ ଦ୍ୱନ୍ଦ୍ୱ ନେଇ ସିନେମାଟି ତିଆରି ହୋଇଛି । କମେଡି ଅଭିନୟରେ ପପୁ ପମପମ୍ ଏହି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ।

## ଚର୍ଚ୍ଚାରେ ଟାଇଗର୍

ଆଗର ସିନେମା ଲାଗି ପ୍ରସିଦ୍ଧ ବଲିଉଡ୍‌ର ଆକ୍ସନ୍‌ହିରୋ ଅଭିନେତା ଟାଇଗର୍ ଶ୍ରଫ୍ । ଏବେ 'ବାଗି-୪'ରେ ଗାୟକ ଆକ୍ସନ୍ ଦୃଶ୍ୟଗୁଡ଼ିକରେ ଖୁବ୍ ପରିଶ୍ରମ କରିଛନ୍ତି । ଏହାଛଡ଼ା ବିଭିନ୍ନ ଗାଉଁଗଞ୍ଜ ଦୃଶ୍ୟ ସିନେମାକୁ ଜୀବନ୍ତ କରିଛନ୍ତି । ଦିପ୍ତୁ ନିର୍ମାତା ରାମ ମାଧବାନୀଙ୍କ ସହିତ ଏହ ମଲ୍ଟି ସ୍ଟାର୍ ଫିଲ୍ମ ବୁଣି ସ୍ୱାଗତ କରିଛନ୍ତି । ଅବଶ୍ୟ ଏହି ସିନେମା ଉପରେ ଜାତୀୟ ଆଗ୍ରହ ଥରେ ଲାଗି ସିନେମାର ଶୀର୍ଷକ ଇଉଟ୍ୟୁବ ନିଆଯିବା ପରେ ଏହି ସିନେମାରେ ଆକ୍ସନ୍ ଦୃଶ୍ୟଗୁଡ଼ିକ ଅଧିକ ରହିବ ବୋଲି ଆଶା କରାଯାଉଛି । ଏବେ ଏହା ଏକ ଆଧୁନିକ ଆକ୍ସନ୍ ଥ୍ରିଲର ସିନେମା ରହିବ । ଯାହାକି ଭାରତୀୟ ସିନେମାରେ ପୂର୍ବରୁ ଦେଖା ଦେଇ ନଥିବା ହୋଇଥିଲା । ଦେଖିଯିବା ଏହି ସିନେମା ଲାଗି ଟାଇଗର ବ୍ୟାପକ ପ୍ରସ୍ତୁତି କରିଛନ୍ତି । ସିନେମାର ଶୁଟିଂ ୨୦୨୬ ଶେଷରୁ ଆରମ୍ଭ ହେବ । ଜାତୀୟ ମିଡ଼ିଆ ଏବଂ ବହୁ ଭାଷା ଜାତୀୟରେ ଶୁଟିଂ ହେବ । ଅନ୍ୟପକ୍ଷରେ ଏଏଚ ଏଣ୍ଟରଟେନ୍‌ମେଣ୍ଟ ମୁଖ୍ୟ ଅଭିନେତ୍ରୀ ଏବଂ ଏଣ୍ଟରପ୍ରାଇଜ ଶାମାରେଡ଼ଛନ୍ତି । ■

## ଜାଗରଣ ଫିଲ୍ମ ଫେଷ୍ଟିଭାଲ୍‌ରେ 'ପୁଣ୍ୟୋଦକମ୍'



ମୁମ୍ବାଇରେ ଅନୁଷ୍ଠିତ ଜାଗରଣ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ପୁଣ୍ୟୋଦକମ୍' ପ୍ରଦର୍ଶିତ ହୋଇଛି । ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିଳପ୍ରୟାଗ ମହାନ୍ତି, ପ୍ରଯୋଜିକା ଗୁଳନୁର, ରାଜା ଝେନ, ଜାଗୀରାଣୀ ପ୍ରଯୋଜକ ନିର୍ମାଳ୍ୟ ଚୁଡ଼ାରା, ଶାନ୍ତି ଚନ୍ଦ୍ର ପାଣ୍ଡା ଚିତ୍ରନାଟ୍ୟ ଗୁଳନୁର ସାହୁ, ଚଳଚ୍ଚିତ୍ରର ଅଭିନେତ୍ରୀ ଓ ନିର୍ଦ୍ଦେଶିକା ବିଦୁଷୀ ଝେନା (ଦାସ) ପ୍ରମୁଖ ଯୋଗ ଦେଇଥିଲେ । ନଭେମ୍ବର ଥରୀ ଦୁ ଏକ ତାରିଖ ଯାଏଁ ଆୟୋଜିତ ଏହି ଅନ୍ତର୍ଜାତୀୟ ମହୋତ୍ସବରେ ପ୍ରଦର୍ଶିତ ହୋଇ ଦେଶୁ ପ୍ରଶଂସା ସାଉଁଟିଛି । ଚଳଚ୍ଚିତ୍ର କାହାଣୀ, ସ୍ୱରର ଉପସ୍ଥାପନା, ପ୍ରକାଶ ଅଭିନୟ ଓ ଉଚ୍ଚକୋଟୀର ନିର୍ମାଣ ଶୈଳୀ ସାଥି ଏହା ଉଚ୍ଚ ଦର୍ଜାର ଓ ସମାଲୋଚକଙ୍କ ବାହାବା ଅର୍ଜନ କରିଛି । 'ପୁଣ୍ୟଗୁରୁ ସିଦ୍ଧାର୍ଥ' ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିଳପ୍ରୟାଗ ମହାନ୍ତି । ଝେନେଲ ନିର୍ଦ୍ଦେଶକ ହୁଡ଼ିଛି, ବିଭିନ୍ନମାନ ଓ ସଂଳାପ ଲେଖକ ଏହ ଏକାଦମ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମଧ୍ୟ ଦକ୍ଷତା ଦେଖାଇଛନ୍ତି । ବିଭିନ୍ନ ଭୂମିକାରେ ଗୁଳନୁର, ଶ୍ରୀକାନ୍ତ ବର୍ମା, ଜାଗୀ ମହାନ୍ତି, ଅଭିଷେକ ଗିରି, ଶୁଭଶ୍ରୀ ମହାନ୍ତି, ବିଦୁ ଦାସ, ସୁଦର୍ଶନ ଦାସ ପ୍ରମୁଖ ଅଭିନୟ କରିଛନ୍ତି । କ୍ୟାମେରାରେ ଗ୍ରେମ ଜଇନ ଅନ୍ଧାରରେ ସଫଳତାର ଅଛି ସୁଦର୍ଶନ ସାହୁ ଓ ଅନୁଜ ଚଟ୍ଟୋପାଧ୍ୟାୟ । ସଙ୍ଗୀତ ଦିଜଜିତ ଜଜିଛନ୍ତି ଗୁରୁବାର ସାହୁ । ଜାତୀୟ ଓଡ଼ିଆ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ଏହା ବହୁ ପରଦାରୁଡ଼ି ଆସିବ ବୋଲି ଗୁଳନୁର କହିଛନ୍ତି । ■

## ସର୍ବଭାରତୀୟ ସଙ୍ଗୀତ ପ୍ରତିଯୋଗିତା-ଅଭିନୟ

କର୍ଣ୍ଣଟକ ଏବଂ ଜିଓ ହଟସ୍ଟାରରେ ଓଡ଼ିଶା ମାଟି ଦେବ ଦର୍ଶକଙ୍କ ମନୋରଞ୍ଜନ କରି ଆସୁଥିବା 'ଫିଲି, ଫାନ୍ଦା ଓଲିଲ୍ ପଜା' ଶୋ' । ଜୁଡ଼ିବା ବିଚାଲାଲ ଏବଂ ଅଭିନବ ଶୁଭାଶ୍ରୀ ଶୋ'ର ଦ୍ୱିତୀୟ ସିଜନ ହୋଇଛନ୍ତି । ଏହି ସିଜନ୍‌ରେ ଏହି ଦମ୍ପତିଙ୍କୁ ସର୍ବଭାରତୀୟ ସଙ୍ଗୀତ ପ୍ରତିଯୋଗିତା ଗାଇଡ଼ାଣ୍ଟ ମିଳିଛି । ଏ ଦୁଇଟି ଶୋ'ର ସବୁଠୁ ଭଲ ଦମ୍ପତି ବୋଲି ଜୁହାଯାଉଛି । ଏହି ଶୋ'ରେ ପ୍ରତ୍ୟେକ ଦମ୍ପତି ନିଜ ସ୍ୱାମୀଙ୍କ ବିଷୟରେ ଖୋଲାଖୋଲି ଆଲୋଚନା କରିଥିଲେ । ଶୋ'ର ବିଜେତା ହେଲା ଦୁଇଟି ଶୁଭ୍ର ଶୁଭ୍ରୀ ଏବଂ ଉତ୍ତରାଞ୍ଚଳ ଅଛନ୍ତି । ଅନ୍ୟପକ୍ଷେ ଏହି ଶୋ'ରେ ଜାନା ଶାନ୍ତ, ସ୍ୱପ୍ନା ଲାଣ୍ଡା, ଗାନା ଫୋଲଙ୍କ, ସୁବଦ୍ରା ଲହରୀ, ବେଦିନା କାନାର୍ଜୀ, ଲକ୍ଷ୍ମୀ ମାଉଗାଡ଼, ଅଭିଷେକ ଦୁଆଗ, ଅଦିକା ଗୌର ନିଜ ସାଥୀଙ୍କ ସହିତ ନଜର ଆସିଥିଲେ । ଶୋ'ର ଦ୍ୱିତୀୟପତି ଭାବେ ନଜର ଆସିଥିଲେ ସୋନାଲି ବିନେ ଏବଂ ଗୁରୁଙ୍କ ମାଗୁଛି । ଲକ୍ଷ୍ମୀରେ ଜାଲିଲ ପ୍ରତିଯୋଗୀ ମଜାଦାର ଟାସ୍କ, ଡାନ୍ସ, ଗେମ୍ ଖେଳେଛନ୍ତି ପ୍ରଶ୍ନ କରିଥିଲେ । ■

## ଚର୍ଚ୍ଚାରେ ଜୀ

ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ରିଆଲିଟି ଶୋ' 'ଓଡ଼ିଶାର ଚେଷ୍ଟ ସିନେ ଷ୍ଟାର୍‌ର ଶୋଜ'ର ଗ୍ରାଣ୍ଡ ଫିନାଲେ ଆଜି ଅର୍ଥାତ ନଭେମ୍ବର ୨୩ ତାରିଖ ସନ୍ଧ୍ୟା ୬-ଟା ୩୦ ପ୍ରସାରିତ ହେବ । 'ଓଡ଼ିଶାର ଚେଷ୍ଟ ସିନେଷ୍ଟାର୍‌ସ ଶୋଜ' ହେବଛି ଏକ ଅଜବ ପ୍ରତିଭା ଖୋଜିବାର ପ୍ରୟାସ । ପ୍ରତି ପ୍ରତିଯୋଗୀମାନେ ଏହି ଗ୍ରାଣ୍ଡ ଫିନାଲେରେ ନିଜର ଦମଦାର ପ୍ରଦର୍ଶନ ଦେଖାଇଛନ୍ତି । ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି । ତେବେ ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଗ୍ରାଣ୍ଡ ଫିନାଲରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ, ଯିଏ ପାଇବେ ବହୁ ପରଦାକୁ ପ୍ରବେଶ କରିବାର ବହୁ ସୁଯୋଗ । ବିଜୟୀ ପ୍ରତିଯୋଗୀଙ୍କୁ ଆଗାମୀ ଜୀ ସାର୍ଥକ ସିନ୍ଧୁଲ୍ସ ଓ ମ୍ୟୁଜିକ ଲିଜିଓରେ ମୁଖ୍ୟ କଳାକାର ଭାବରେ ଲୋକ ଲୋକଚିତ୍ର । ଲୋଗ'ର ବିଚାରକ ଭାବରେ ଶ୍ରୀକାନ୍ତ, ଲିମି ଏବଂ କମ୍ପାର ଆପ୍ପା ରହିଛନ୍ତି । ଉପସ୍ଥାପନା ଦାୟିତ୍ୱ ବୁଲାଇଛନ୍ତି ଅଭିଲାଷା ଆଚାର୍ଯ୍ୟ ଏବଂ ଅଭିନେତା ଧନଞ୍ଜୟ । ଧ୍ରୁଣ୍ଟ ପିଟ୍‌ଲୋଗ ସୁଗାର ବାଜିକ, ଶିକାନା ସଙ୍ଗୀତ, ଯୁଜିତ, ଅସୀମା ପପ୍ପୁ, ବୁଲବୁଲ ଓ ଗୌରବଙ୍କ ଆନନ୍ଦଦୁଃ ଦେଖିବାକୁ ମିଳିବ । ■

## ଲିପ୍‌ସା ମହାରଣା, ଅଭିନେତ୍ରୀ

## "ଅଭିନୟ ସମୟରେ ଚରିତ୍ରରେ ହଜିଯାଏ"

ଲୋକପ୍ରିୟ ପୁରୁଣା ଆଲବମ୍ ଦେଖି ସେ ଅଭିନୟ ଜଗତକୁ ଆସିବାକୁ ଲାଗିଥିଲେ । ସୌଭାଗ୍ୟବଶତଃ ତାଙ୍କୁ ସେ ସୁଯୋଗ ମିଳିଲା । ଖୁବ୍ କମ୍ ବୟସରୁ କମେଡି ଶୋ'ରେ କାମ ଆରମ୍ଭ କରିଥିଲେ ଲୁବନେଶ୍ୱରର ଲିପ୍‌ସା ମହାରଣା । ପରବର୍ତ୍ତୀ ଫାଗୟରେ ବୁଲଟି ଓଡ଼ିଆ ସିନେମାରେ କାମ କରିଛନ୍ତି । ମ୍ୟୁଜିକ୍ ଲିଡିଓରୁ ନେଇ ଧାରାବାହିକ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗକୁ ହାତ ଛଡ଼ା କରି ନାହାଁନ୍ତି ସେ । ଏକାଧାରାରେ ଲିପ୍‌ସା ବହୁମୁଖୀ ପ୍ରତିଭାର ଅଧିକାରିଣୀ । ଏହି କାଳକୁ ସେ କେମିତି ଆସିଲେ ତଥା ଆଗକୁ ତାଙ୍କର କ'ଣ ଯୋଜନା ରହିଛି ଜାଣିବା ତାଙ୍କ ମୁହଁରୁ ।

**ସାକ୍ଷାତକାର**

**ଅଭିନୟଜଗତରେ କାମକରିବାକୁ କେତେ ସଂଘର୍ଷ କରିଛନ୍ତି ?**

- ଛୁଟିରେ ଶୁରୁରେ ମୋର ଜନ୍ମ । ବୁହୁପୁରରେ ପାଠ ପଢ଼ିଛି । ପିଲାଦିନେ ନାଚ, ଗୀତ, ଅଭିନୟ କରୁଥିଲି । ଆଲବମ୍ ଅଭିନେତା ସୁର୍ଜନ ସାଉଙ୍କ ମୂଲ୍ୟ ପରେ ମୋ ସାଥ ଭାଇର କୌ ରକ୍ଷାରାଇ ପପୁ । ସେବେଠୁ ପରିଚିତ୍ ଭଣ୍ଡାଷ୍ଟିକୁ ମୁଁ ପରିଚାଳନା ଦେଖି ମାଦି ନେଇଥିଲି । ଟିକିରେ ଯାହା ଦେଖୁଥିଲି ସେମିତି ନିଜକୁ ଦଦଲ କରୁଥିଲି । ସୌଭାଗ୍ୟବଶତଃ 'ଏଆର ବାଗାର' କମେଡି ଶୋ'ରେ ପପୁ ରାଉତ ସହ ମୋର ଜୀବନ ପ୍ରଥମ କାମ ଆରମ୍ଭ କରିଥିଲି । ପରେ ପରେ ବରଙ୍ଗରେ 'ଯାହା କର୍ଦ୍ଦିବି ସହ ଜିତିବି' କରିଥିଲି । ଏହି ଶୋ'କୁ ମୋ ବାପା ବହୁତ ଭଲ ପାଉଥିଲେ । 'ଶ୍ରୀମାନ ଶ୍ରୀମୁଣ୍ଡ', 'ବଦମାଶିଆ ଅଗ୍ରେମ' ସିନେମା କରିଛି । ଏହା ରିଲିଜ୍ ହୋଇନି । ମଧୁ ଭାଇଙ୍କ ମାଧ 'ମାଧବ ପ୍ରେମ ସର୍ବୋତ୍ତମ' ମ୍ୟୁଜିକ୍ ଭିଡିଓ କରିଛି । 'ଆଖୁ ସାତ ଜନ୍ମର' ଧାରାବାହିକରେ ମାଧିମାଗ ସାଙ୍ଗ କରିଥିଲେ ନଜର ଆସିଥିଲି । ନିକଟରେ ମୋର ଅଭିନୀତ 'ବାଲିଯାତ୍ରା' ମୋରି ଫିଲ୍ମ ରିଲିଜ୍ ହୋଇଛି । ଏଥିରେ ମୁଁ ସାଧବ ବହୁ ହୋଇ ଭୂମିକାରେ ଅଭିନୟ କରିଛି । ଅନେକ ଭଲରେଖିଲ ପରିଚାଳନା କରିବାକୁ ମୋତେ ସୁଯୋଗ ମିଳିଛି ।

**କମେଡିମାନଙ୍କୁ କେମିତି ସାହାଯ୍ୟ କରିଥିଲେ ?**

- ପ୍ରଥମେ ଏବେ ଶୋ' ସୁଟିଂ ଯାଇଁ ପପୁ ଭାଇ ଡାକିଥିଲେ । ପ୍ରଥମେ ପ୍ରଥମେ କାମକୁ ନେଇ ବହୁତ ଡର ଥିଲା ମୋ ଭିତରେ । କାମକୁ ଯିବି ଦି ନାହିଁ ଭାବୁଥିଲି ତେବେ ଦୃଢ଼ରେ ଥିଲି । ତେଣୁ ଦୁଇଦିନ ଲଖାରେ ସୁଟିଂ ସେଟ୍‌କୁ ଯାଇଥିଲି । ପପୁ ଭାଇ ପରୀକ୍ଷା ମୁଡ଼ ଭଲାରେ ମୋଙ୍କଅପ ମେକ ବକ୍ସାମ୍ ପିନ୍ଧିବାକୁ କହିଥିଲେ । ବକ୍ସାମ ପିନ୍ଧିଲା ପରେ ମୁଁ ସେ ଚରିତ୍ରରେ ପୂରା ପଶିଗଲି ଆଉ ଅଭିନୟ କରିଥିଲି । ସେବେଠୁ ମୋର ଯାତ୍ରା ଚାଲିଛି ।

**ଅଭିନୟକୁ ଦେଖି ଲୋକ କ'ଣ କରିଥିଲେ ପ୍ରତିକ୍ରିୟା ?**

- ଗାଁ ଗାଉଁଗଞ୍ଜରେ ଭଲ ପାଏ । ବିଭିନ୍ନ ଆଚାର୍ଯ୍ୟ ନିଜର ଗାଧ୍ୟମରେ ଯାଉଛି ଦିଏ ।

**ସୋସିଆଲ ମିଡ଼ିଆକୁ କେମିତି ବ୍ୟବହାର କରନ୍ତି ?**

- ସାମାଜିକ ଗଣମାଧ୍ୟମରେ ଅଛେ ବି ଏତେ ସକ୍ରିୟ ରହେନି । ସେଥିରେ ମୋତେ କିଛି ଭଲ ପ୍ରତିକ୍ରିୟା ମିଳିଲା । ଆଉ କିଛି ଖରାପ ପ୍ରତିକ୍ରିୟା ମିଳିଲା । ଗାଳି ଆଉ ଗାଳି ହିଁ ଭଲରେ ଅଭିନେତ୍ରୀ ମାଳିଆ ଆର୍ଜାଣ । ମେଲୁ ଲୋକଙ୍କୁ ଲେଖିଦିଏ ମୋ ଅଭିନୟରେ ତ୍ରୁଟି ରହିଲା, କେମିତି ନିଜକୁ ଆଉକୁ ଏଜାଡ଼ିଦି ଦେବି ବିଚା ପ୍ରତି ଏଜାଗ ରାଖେ । ତେଣୁ ଗୋଟିଏ କଥା କହିବି ସାମାଜିକ ଗଣମାଧ୍ୟମକୁ ସର୍ବଦା ସଦୁପଯୋଗ କରିବା ଆବଶ୍ୟକ ।

**ଫିଲ୍ମ ରୋଲ ?**

- ଭବିଷ୍ୟତରେ ମୋତେ ଯାହା ବି ଚରିତ୍ର ମିଳିବ, ସେଥିରେ କିମିଲି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେବି । ବହୁ ଦର୍ଶକଙ୍କୁ ଭଲବାସୁ ପ୍ରତିଶାଦ ଦେବାକୁ ଚେଷ୍ଟା କରିବି ।

**ଆଗାମୀ ଯୋଜନା ?**

- ଆଗାମୀ ଭଲ ବାହାଣୀର ସିନେମାରେ ଅଫର ପାଇ ରହିଛି । ଯେତେ ଦିନ ଯାଏଁ ଏହି ଭାଲାଲ୍‌ରେ ରହିବି, ଚର୍ଚ୍ଚାରେ ମନୋରଞ୍ଜନ କରୁଥିବି । ■

**ଅଭିନୟକୁ ଭଲବାସିବାକୁ କ'ଣ କରନ୍ତି ?**

- ଚଳଣ ଭଲ ଅଭିନେତ୍ରୀ ଏହି ଦିଗରେ ଅଭିନୟ କରିପାରିବେ । ଏହାକୁ ମନେ ରଖି ମୁଁ ଅଭିନୟ କରେ । ପୁରୁଣା ସିନେମା, ଧାରାବାହିକ ଦେଖିବାକୁ ସବୁବେଳେ ଦେଖେ । ସେମିତି କିଛି ନା କିଛି ଭଲ କଥା ଗ୍ରହଣ କରେ । ତେବେ ମୋ ବାପା ଦୁନିଆରେ ନାହାଁନ୍ତି ସତ, କିନ୍ତୁ ବାପାଙ୍କ ଆଶୀର୍ବାଦ ମୋଙ୍କୁ ମୁଁ ଅଭିନେତ୍ରୀଟିଏ ହୋଇପାରିଛି । ଆଉ ଲୋକେ କଥା ପପୁ ଭାଇଙ୍କ ସାଥେ କାମ ଆରମ୍ଭ କରିଥିବାରୁ ମୁଁ ଏହାକୁ ଖୁବ୍ ଭଲ ଲାଗେ । ଯେଉଁ ଭଲିଉଡ଼ ମିଳିବେ ବି ଦିନା ଷ୍ଟିପ୍ରରେ ସଂଘାତ କରିପାରେ ।

## ପରଦା ପଛର କାହାଣୀ

## ମାନବେତର ଜୀବର ଚମତ୍କାର ଅଭିନୟ

ଅନେକ ଚଳଚ୍ଚିତ୍ରରେ ମଣିଷ ଓ ପଶୁର ସ୍ୱସ୍ୱାର୍ଥକୁ ଚମତ୍କାର ଭାବେ ଚିତ୍ରଣ କରାଯାଇଛି । ରାଜେଶ ଖନ୍ନାଙ୍କ 'ହାଥୀ ମେରା ସାଥୀ'ର ହାଥୀ ଥେରେ ଅବା ବେବାନଙ୍କ 'ଇନ୍‌ସାନିୟତ୍' ଫିଲ୍ମର ସିଂହାଳୀ ଘୋଡ଼ା । ମାନବେତର ଜୀବଙ୍କୁ ଅଭିନୟକୁ ଖୁବ୍ ସୁନ୍ଦର ଭାବେ ପରଦାରେ ଚିତ୍ରଣ କରାଯାଇଛି । ୯ ଅଗଷ୍ଟ ୨୯୮୫ ତାରିଖରେ ରିଲିଜ୍ ହୋଇଥିବା 'ଡେଭୋ ମେଡେଭେନିୟ' ଫିଲ୍ମ । ଏହା ଜନନ୍ତ ଫିଲ୍ମ 'ଅଲିୟା ଭାଗାମ ଡିହା' ଚିତ୍ରର ଅନୁକ୍ରମ । ଏହି ଫିଲ୍ମରେ ମଣିଷ ପ୍ରତି ଭୂତୁଡ଼ର ଭୟଯୁକ୍ତ ଦର୍ଶାଇଛି ଭାବରେ ଚିତ୍ରଣ କରିଥିଲା । ଫିଲ୍ମର କାହାଣୀ ଅନୁଯାୟୀ ଅଭିନେତା, ଅଭିନେତ୍ରୀଙ୍କ ମୁଖ୍ୟ ପରେ ଶେଷରେ ଭୂତର ଶବ୍ଦକାରୀ ପ୍ରତିଶୋଧ ନେଇଥିଲା । ଆଜି ମଧ୍ୟ ଏହି ଫିଲ୍ମ ଦେଖିଲେ ଦର୍ଶକଙ୍କ ଆଖିରେ ଲୁହ ଜମେଇ ଆସେ । ଏହି ସିନେମାରେ କ୍ୟାରି ଶ୍ରୁଟ୍ 'ରାମ', ସୁନମ ଜିଲ୍ଲା 'ଜିକୁଜି' ଓ ଅମରୀଶ ପୁରୀ 'ଠାକୁର ବିଜୟ ସିଂ' ଭୂମିକାରେ ଅଭିନୟ କରିଥିଲେ । ଏଥିରେ 'ଗୁଲାବି ମୋଡ଼ି' ନାମକ ଏକ ବିଶ୍ୱସ୍ତ କୁକୁର ଥିଲା । ଫିଲ୍ମର କାହାଣୀ ଜଣେ ଦାୟିତ୍ୱବାନ ସୁନ୍ଦର ରାମଙ୍କୁ ନେଇ ଗଢ଼ିଥାଏ । ସେ ବାଲ୍ୟରେ ପିତାଙ୍କଠାରେ ଅନେକଥର ଗୋଟିଏ କୁକୁରକୁ ଧରି ଦେବା ପରେ ତାକୁ ପରେ ତାକୁ ଆଣି ସେବାଯତ୍ନ କରି ରଖିଥିଲେ । ଶୀଘ୍ର ମିଳାପରେ ସେ ଭଲ୍ଲାଗଲା ଠାକୁର ବିଜୟ ଭୂମାଲଙ୍କ ଆଦେଶାନୁସାରେ ଜିଲାରେ ଘୁମିଛି । ରାମ ଭଲ ପାଉଥିବା କିକୁଜିକୁ । ସେବେ ଠାକୁର ତାଙ୍କ ଘରରେ ଗୋଟି 'ଏଥିରେ ବଳକାଳ ଅଭିନୟ କରିଛି । ଏହି ଫିଲ୍ମକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ । ଏହି ଫିଲ୍ମର ବଜେଟ୍ ୧.୨୦ କୋଟି ଟଙ୍କା ଥିଲା । ଏହା ଭାରତରେ ୨.୮ କୋଟି ଆୟ କରିଥିଲା । ଏହି ଫିଲ୍ମରେ ପଞ୍ଚଟି ଗୀତ ଥିଲା । ଗୀତଗୁଡ଼ିକକୁ ଲତାଜୀଙ୍କ ଲତ୍ତାଙ୍ଗନ୍ତ ମଙ୍ଗେଶକରଙ୍କ । ମିଳୁଛି ସବୁଠୁ ଲୋକପ୍ରିୟ ଗୀତ ଥିଲା 'ଦେଖୋ ମେଡେଭେନିୟ' । ଏହି ଗୀତରେ ଗ୍ରାମଟି ଗ୍ରାମ ଓ ଗୋଟି ମଧ୍ୟରେ ଥିବା ଦର୍ଶକଙ୍କୁ ଦର୍ଶାଇଥିଲା । ■

ଦୈନିକ ସମାଚାର

## ସମ୍ପାଦକୀୟ...

### ରବିବାର ୧୫ ମାର୍ଚ୍ଚ ୨୦୨୬

# କାଳର ଗତି ରାଜା ରଙ୍କ

କାଳ ଅର୍ଥ ସମୟ, ଅଛିଣ୍ଡା ପରିକ୍ରମା ମାର୍ଗରେ ସ୍ଥିର ରହିଛି ରାଶି ନକ୍ଷତ୍ର । ଏହାରି ଉପରେ ଗ୍ରହଙ୍କ ଗତିକୁ ପୃଥିବୀର ନିଜ ଅକ୍ଷ ପରିକ୍ରମଣକୁ ସବୁ ଗ୍ରହ ପରି ସୂର୍ଯ୍ୟଙ୍କୁ କକ୍ଷ ପରିକ୍ରମା ରାଶିଚକ୍ରର କଟା ଏକ ଅଷ୍ଟମ ଚାଳବର୍ଣ୍ଣକ । ରାଶି ବାର ହେଲେ ବି ଏମାନେ ଗୋଲକ ଧନ୍ଧାରେ ଏମିତିକା ବିଭାଗରେ ଏକ ଏକ ଜଡ଼ିତ ଏହାର ମର୍ମ ନ ଜାଣିଲେ ନାତି ନଜାଣି ଅଗଣାର ଦୋଷ, ଦେବାକୁ ଅନେକ ବୟାନବାଜୀ କରନ୍ତି । ଅଗ୍ନି, ପୃଥୁ, ବାୟୁ ଓ ଜଳ ଏହାର ତ୍ରି ଆବୃତି ବାର ରାଶିରେ ରହିଛି ସବେଯେମିତି ତିନି ତ୍ରିପାଠୀ, କୁ ମାନବ ସମାଜ ଚାଳକ ଚାରି ବର୍ଣ୍ଣ, ଗୀତା ବର୍ଣ୍ଣିତ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର । ସବୁ ଜଳ ରାଶି ବ୍ରାହ୍ମଣ ସବୁ ଅଗ୍ନି ରାଶି କ୍ଷତ୍ରୀୟ ସବୁ ପୃଥ୍ୱୀ ରାଶି ବୈଶ୍ୟ, ସବୁ ବାୟୁ ରାଶି ଶୁଦ୍ର । ଏତିକିରେ ଶେଷ ନୁହେଁ ତ୍ରିପାଠୀରେ ତିନି ପାଠ ବର୍ଣ୍ଣାୟ ୪ ଚର ରାଶି ଅସ୍ଥିର ୪ ସ୍ଥିର ରାଶି ସ୍ଥିର, ୪ ଦ୍ୱିଶ୍ୱ ରାଶି ଦ୍ୱିଗୁଣ ସମ୍ପନ୍ନ, ଗୃହମାନେ ବନ୍ଧୁ ମିତ୍ର, ସମ, ପୁଣି ଶତ୍ରୁ ତ୍ରିଧାରେ ରହିବାବେଳେ ଆହୁରେ ନିୟମମାଣି ପରି କିଛି ସ୍ଥିତିରେ ଶତ୍ରୁ ମିତ୍ର ତତ୍କାଳୀନ ହୋଇପାରନ୍ତି ବାରାନ୍ତର ଅତି ଲାଗି ଶତ୍ରୁ, ମିତ୍ର ସମ ହୋଇପାରନ୍ତି ପୁଣି ଜିଂ ଚର୍ଚ୍ଚବ୍ୟ ଦିମୁହ୍ର ହୋଇପାରନ୍ତି, ସାଧାରଣରେ ୫ମ ୯ମ ସମ୍ବନ୍ଧ, ୬ଷ୍ଠ ୮ମ ସମ୍ପର୍କ ୨ଗୁଣ ତତ୍କାଳୀନ ଶତ୍ରୁ ହୁଅନ୍ତି ଏମିତିକି ଜି ଏକ ଘରରେ ସ୍ଥିତି ଶତ୍ରୁତା କରାଯ । ଏହା ବାଦ ୪ର୍ଥ ୧୦ମ, ୩ୟ ୧୧ଶ, ଦ୍ୱିତୀୟ ଦ୍ୱାଦଶ ବନ୍ଧୁତ୍ୱ ଅର୍ଜନ କରନ୍ତି, ୭ମ ୭ମ ର ବିଚାର ଅତିଗହନ ସମ୍ବନ୍ଧ କାରଣ ସବୁଗ୍ରହଙ୍କ ଏକ ଦୃଷ୍ଟି ତଳ୍ପ ଅଛି, ଏ ମଧ୍ୟରେ ସବୁ ଗ୍ରହ ନିଜସ୍ଥିତିରୁ ସ୍ୱଭମ ସ୍ଥାନକୁ ପୂର୍ଣ୍ଣ ଦୃଷ୍ଟି କରନ୍ତି । ଶନି, ରାହୁ କେତୁ ମଙ୍ଗଳ ପାପସଙ୍ଗୀ କ୍ରୁଧ, କୃଷ୍ଣ ଅଷ୍ଟମୀରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଚନ୍ଦ୍ର ନୈସର୍ଗିକ ପାପ ଗ୍ରହ ଓ ୧୨ରାଶିରେ ହାରାହାରି ପ୍ରତି ଦୁଇ ଗ[ାରେ ବଦଳୁଥିବା ଲଗ୍ନ, ୧୨ଲଗ୍ନ ପାଇଁ ସମିତି ପାପ, ଶୁଭ ସ୍ଥିତିନୁସାରେ ବା ଗ୍ରହ ଅନୁସାରେ ହୁଅନ୍ତି । ଏଇଘରେ ବା ରାଶିରେ ବୃହସ୍ପତି ହାରାହାରି ୧ ବର୍ଷ ରହନ୍ତି, ରାହୁ କେତୁ ପ୍ରାୟ ଦେଢ଼ ବର୍ଷ କରି ପରସ୍ପର ଠାରୁ ୬ ରାଶି ଦୂରରେ ରହନ୍ତି, ଶନି ପ୍ରାୟ ଅଢ଼େଇ ବର୍ଷ ରହନ୍ତି, ରବି ଏକ ବର୍ଷରେ ୧୨ଘର ଚନ୍ଦ୍ର ଏକମାସରେ ୧୨ଘର ଗତି କରନ୍ତି ରବିଙ୍କ ପାଖ ବୁଧ ଶୁକ୍ର ନଛାଡୁଥିବାରୁ ଏମାନେ ରବି ଆଗ ବା ପଛ ବା ରବି ସହ ଅନେକବେଳେ ରହନ୍ତି, ମଙ୍ଗଳ ହାରାହାରି ତିନିପକ୍ଷରେ ଏକ ଘର ଅଧିକାରୀରେ ୩୦ ଅଂଶ ଗତି କରନ୍ତି । ଏଇ ପରି ମୋଟାମୋଟି ଧାରାରେ ସମୟକୁ କଳ୍ପନା କରିବା ଜ୍ୟୋତିଷୀ ମାନଙ୍କର ଏକ ଧାରା । ଆକାଶର ଗ୍ରହ ମାନଙ୍କର ଗତିକୁ ଏକ ସ୍ଥିର ନିୟମରେ ଧାର୍ଯ୍ୟ ପାଇଁ ଅନେକ ପୂର୍ବେ ସୃଷ୍ଟିର ଆଦ୍ୟ ଦିନର ସ୍ଥିର କରି ସବୁଗ୍ରହଙ୍କର ବୌଦ୍ଧ ରାଶିଚକ୍ରର ଶୂନ ଅଂଶରୁ ଆରମ୍ଭ କରାଯାଇଛି, ସମସ୍ତ ଗ୍ରହଙ୍କ ଗତିବେଗ ତାହା ବି ଧାର୍ଯ୍ୟ ରଖାଯାଇଛି ଏହା କାହାସହ କାହାର ସମାନ ନୁହେଁ ଫଳରେ ଅନେକ ସଂଖ୍ୟାର ଯୋଡ଼ିବା ଦରକାର ପଡ଼ିଥାଏ ଏ ପାଇଁ ଛେଡ଼ ରହୁଛି । ସବୁବେଳେ ପୂର୍ଣ୍ଣ ସଂଖ୍ୟା ସହ ଦଶମିକ ବିନ୍ଦୁ ପରି ଆଉଜିଛି ଅଙ୍କ କେତେ ସ୍ଥାନ ଯାଏରହି ତାହା ଅନେକ ବର୍ଷ ପରେ ପୁଣି ଏକ ପୂର୍ଣ୍ଣ ସଂଖ୍ୟା ହୁଏ ଏହାର ଗାଣିତିକ ସଂଖ୍ୟାର ଯେପରି ବର୍ଷକ ୩୬୫ ଦିନ ଧରାଗଲେବି ଏହା ୪ ବର୍ଷରେ ଏକ ଦିନ ବଢ଼ି ୩୬୬ ଦିନ ଗଣା ହେଉଛି, ଏହା ରାଶିଚକ୍ରରେ ରବି ଆବର୍ତ୍ତନ ଧରିଲେ ବି ପ୍ରକୃତରେ ଏହା ପୃଥିବୀର ବାର୍ଷିକ ଗତି ତାବିଠାରୁ ୬ ରାଶି (୧୮୦ ଅଂଶ) ଯୋଗକଲେ ପୃଥିବୀ କେଉଁ ରାଶିରେ ଅଛନ୍ତି ଧରାପଡ଼େ । ଏମିତିକା ସବୁ ଗ୍ରହଙ୍କ ପରିକ୍ରମାରେ ରାଶିଚକ୍ର ସଂଖ୍ୟା ଅଛି ଓ ସବୁରେ ଦଶମିକ ବିନ୍ଦୁ ଯେତେବେଳେ ଏକ ସମୟରେ ପୂର୍ଣ୍ଣ ସଂଖ୍ୟା ଆସୁଛି ତାକୁ ରାଶିଚକ୍ରବିଚାରେ ସୁରାବି ଧରିଛନ୍ତି । ବର୍ଚ୍ଚମାନ ଗ୍ରହସ୍ଥିତି ବୁଧ ଗୃହରେ ମିଥୁନ, ବାୟୁ ରାଶିରେ ଶୁଦ୍ର ସମ୍ବନ୍ଧକୁ ରାହୁ, ଶନି ଗୃହ କୁମ୍ଭ ଶୁଦ୍ର ସମ୍ବନ୍ଧ । ପରଷ୍ପର ବିପରୀତ ଗ୍ରହ ଏପରି ରହି ପଡିନ୍ତି ବ୍ରାହ୍ମଣ ରାଶି ମାନରେ ଶୁଦ୍ର ଗ୍ରହ ଶନି ଏଣେ ଉଗ୍ର କ୍ରୁର କେତୁ ଅଗ୍ନୀ ବା କ୍ଷତ୍ରୀୟ ରାଶିରେ ବୃଶ୍ଚିକ କ୍ରିୟାକାରୀ, ଶୁଦ୍ରମାନେ ଯେତେବେଳେ ପ୍ରବଳ ହେବେ ସେତେବେଳେ ମହାରୋଗ ଲାଗିବ ହିଁ ଲାଗିବ, କାରଣ ସଂସାରରେ ସବୁଠାରୁ ଅଧିକ ସେବକ ଶୁଦ୍ର, ଜଙ୍ଗଲରେ ହରିଣ ସଂଖ୍ୟା ଅଧିକ ବୃଣାହାରୀମାନେ ଆହାର ଅନ୍ୱେଷଣ କାଳରେ ଏକ ରୋଗାଣୁଙ୍କି ଚିତ୍ତାରେ ପାଖ ବୃଣହାରୀ ସହ ଲଢ଼ା ଲଢ଼ି ହୁଅନ୍ତି, ଏହି ପରିବେଶ ସଂସାରରେ ଏବେ ସେବକମାନେ ନିଜେ ବାହାବୁରୀ ହାସଲ ପାଇଁ ନିଜ ଧନ କୁହେଁ ରାଜଧନ (ଗଣତନ୍ତ୍ରରେ ପ୍ରଜାଙ୍କ ଧନ)ର ଦୁରୁପୟୋଗ କରିବା ଦେଖାଯାଉଛି । ବୃହସ୍ପତି ଶିକ୍ଷା ବିଭାଗର ମାଲିକ ଅଛନ୍ତି ବିଦ୍ୟାର୍ଥୀ ବୁଧଙ୍କ ଘରେ ତାଙ୍କ ଉପରେ ରାହୁଙ୍କ ଆଗରୁ ୯ଘର ପରେ ବୃହସ୍ପତି ଶିକ୍ଷା ବିଭାଗରେ ହଜରେ ସୃଷ୍ଟି ଏହି ଗ୍ରହ ସଯୋଗ କରାଉଛି । ରାହୁ କାଳ ଅଘାସୁର ବା ମହା ଅଜଗର ସର୍ପ, ତାର ମୁଖ ପଟରେର ସବୁଗ୍ରହ ଯଦି କେବୁ ମଧ୍ୟରେ ଆସିଯିବେ ତେବେ ଅଢବ୍ଧ ୫/୬ ମାସ ବାରୁଣ୍ଡ ସମୟ ସର୍ପ ମୁଖରେ ବିଷ, ଏ ବଷରେ ସମୟ ଭୋଗ ପୃଥି ପାଇଁ ଭୀଷଣ ଭୟାନକ ହୋଇପାରେ । ଯେତେବେଳେ ଅଘାସୁର ହାଡୁଡ଼ରେ ଗୋପାଳ ବାଳକମାନେ ପଡ଼ିଥିଲେ ଗୋପାଳନନ୍ଦଲାଲ ଶ୍ରୀକୃଷ୍ଣ ରକ୍ଷା କରିଥିଲେ, ଏତ ଆମ ମାନଙ୍କ ରକ୍ଷା କର୍ଲା ଏ ସମୟରେ ଠାରୁର ଜଗନ୍ନାଥ, ଏହାଙ୍କ ଉପସନା ତୁରନ୍ତ ସମସ୍ତ ଜନ ଏକ ମନରେ ନଜଲେ ଏ କାଳ ସର୍ବ ଗିଳି ଦେବ । ଏହା ଆଗାମୀ ଛଅ ମାସ ବୋଳ ପୂର୍ଣ୍ଣିମାରୁ ଜୋର ଅନୁଭବକୁ ଆସିଯିବ । ରାଜଶକ୍ତି ମଧ୍ୟରେ ଲଢ଼ା ଲଢ଼ି କେବେ ବି ପ୍ରଜାଙ୍କୁ ମଙ୍ଗଳ କୁହେଁ କି ମାୟା କରି ରାଜପଦକୁ ଆସିବା କାହାରି ମଙ୍ଗଳ ନୁହେଁ । ସମୟ ହିଁ ସବୁ ଚରାଉଛି, ଉପଲବ୍ଧା ଆମ ଜନତ ।

# ବ୍ୟାଗବିହୀନ ସ୍କୁଲ : ଶିକ୍ଷାର ଏକ ପୁନଃରଚନା

ଭାରତ ସରକାରଙ୍କ ପ୍ରସ୍ତାବ, ସ୍କୁଲ ପିଲାମାନଙ୍କ ପାଇଁ ମାସକୁ ଦଶଦିନ 'ବ୍ୟାଗଲେସ୍ ଡେ' ବା 'ବ୍ୟାଗବିହୀନ ସ୍କୁଲ', ପାଠ୍ୟପୁସ୍ତକ-କେନ୍ଦ୍ରିକ ବିଦ୍ୟାଳୟ ଶିକ୍ଷାରେ ଏକ ଶକ୍ତିଶାଳୀ ପରିବର୍ତ୍ତନ । ବର୍ଷ ବର୍ଷ ଧରି ଆମେ ଶିକ୍ଷାର ସଫଳତାକୁ ପରୀକ୍ଷାର ଅଙ୍କ, ପାଠ୍ୟକ୍ରମର ସମାପ୍ତି ଏବଂ ବ୍ୟାଗର ଭାର ସହିତ ମାପିଆସୁଛେ । ଏହି ପରିପ୍ରେକ୍ଷାରେ 'ବ୍ୟାଗଲେସ୍ ଡେ' ବା 'ବ୍ୟାଗବିହୀନ ସ୍କୁଲ' ଶିକ୍ଷାକୁ ପୁନର୍ବାର ପିଲାମାନଙ୍କ ମନ, ଆତ୍ମା ଓ ଅନୁଭବ ସହିତ ଯୋଡ଼ିବାର ଏକ ପ୍ରୟାସ । ଏହା ଶିକ୍ଷାର ସଫଳତାକୁ କେବଳ ପରୀକ୍ଷାର ଅଙ୍କ କିମ୍ବା ମୂଲ୍ୟାଙ୍କନର ସୀମାରେ ସୀମିତ ନକରି, ପିଲାମାନଙ୍କ ସାର୍ବଜନୀନ କଲ୍ୟାଣ, ସୃଜନଶୀଳତା ଓ ଆଚାରଣ ଦକ୍ଷତା ବୃଦ୍ଧିଦ୍ୱାରା ପୁନଃବିଚାର କରିବାକୁ ଏକ ପ୍ରୟାସ । ପିଲାମାନେ ଯେତେବେଳେ ବିନା ବ୍ୟାଗରେ ସ୍କୁଲ ଯିବେ ତାଙ୍କ ମନରେ ଏହି ଭାବନା ଉତ୍ପନ୍ନ ହେବ ଯେ, ଶିକ୍ଷା କେବଳ ପୁସ୍ତକ ପଢ଼ିବା ଓ ଲେଖିବା ନୁହେଁ । ଏହା ଖେଳ, କଳା, ଚିନ୍ତନ, ସାମୁଦାୟିକ କାର୍ଯ୍ୟ ଓ ଅନୁଭୂତିମୂଳକ ଶିକ୍ଷଣ ଦ୍ୱାରା ମଧ୍ୟ ସମ୍ଭବ । ଏହି ପରବର୍ତ୍ତମାନ ଜାତୀୟ ଶିକ୍ଷାନୀତି-୨୦୨୦ର ଶିକ୍ଷାର୍ଥୀ-କେନ୍ଦ୍ରିକ, ବକ୍ଷତା-ଆଧାରିତ ଓ ଅନୁଭବମୂଳକ ଶିକ୍ଷା ଦୃଷ୍ଟିକୋଣର ସହିତ ସମ୍ପୂର୍ଣ୍ଣ ଭାବରେ ସମାଞ୍ଜସ୍ୟ ରଖେ, ଯାହା ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ଅଧିକ ମାନବିକ ଓ ଭବିଷ୍ୟତମୁଖୀ ଦିଗରେ ନେଇଯାଇପାରିବ । 'ବ୍ୟାଗବିହୀନ ସ୍କୁଲ' ଅନୁସନ୍ଧାନ- ଆଧାରିତ ଏବଂ ଆନ୍ତଃବିଷୟକ ଶିକ୍ଷଣ ପାଇଁ ଏକ ବ୍ୟାପକ ସମାଚାରନ ଦ୍ୱାରା । ଶିକ୍ଷା କେବଳ ମୋଟା-ମୋଟା ବହି ବା ଭାରୀଭାରୀ ବ୍ୟାଗ କି ଲମ୍ବା-ଲମ୍ବା ଟ୍ୟୁସନ ଦ୍ୱାରା ସମ୍ଭବ ହୋଇପାରେନାହିଁ, କି କେବଳ ପାଠ୍ୟକ୍ରମ ଶେଷ କରିବା, ଘୋଷି ପଚାଇ ପରୀକ୍ଷାରେ ପୁଣେ ପୁଣେ ଅଙ୍କ ଆଣିବା ବା ଗୋଟିଏ ଶ୍ରେଣୀରୁ ଆଉ ଗୋଟିଏ ଶ୍ରେଣୀକୁ ଉନ୍ନୀର୍ଣ୍ଣ ହେବାରେ ସୀମିତ ରୁହେଁନ୍ତି ବରଂ ଗୁଣାତ୍ମକ ଶିକ୍ଷା, ଶିକ୍ଷାକୁ ଅନୁଭବ କରିବା, ପ୍ରଶ୍ନ କରିବା ଏବଂ ଅନୁସନ୍ଧାନ କରିବାରେ ନିହିତ । ପ୍ରାଥମିକ ବା ଉଚ୍ଚପ୍ରାଥମିକ ସ୍ତରରେ ଏମିତି ବହୁତ ବିଷୟ ଅଛି, ଯେପରି ଗଣିତ, ସାଧାରଣ ବିଜ୍ଞାନ, ପରିବେଶ ବିଜ୍ଞାନ, ଯାହାପାଇଁ ଅତ୍ୟଧିକ ପୁସ୍ତକର ଆବଶ୍ୟକତା ନାହିଁ । ତାହା ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତି ଓ ଅବସ୍ଥିତିରୁ ଅନୁଧ୍ୟାନ କରିହେବ, ଯାହା ପିଲାଙ୍କ ସୃଜନଶୀଳତାକୁ ତୀକ୍ଷ୍ଣ ଓ ଶିକ୍ଷାର ବ୍ୟାବହାରିକତାକୁ ମଧ୍ୟ ବୃଦ୍ଧି କରିବ । ସ୍ଥାନୀୟ କ୍ଷେତ୍ର ଅନ୍ୱେଷଣ, ବିଜ୍ଞାନ ପରୀକ୍ଷଣ, ଜାହାଣୀ କହିବାର ଅଧିବେଶନ, ସଙ୍ଗୀତ, ଶିଳ୍ପକଳା, ଉଦ୍ୟାନ କାର୍ଯ୍ୟ ଏବଂ ସମସ୍ୟା-ସମାଧାନମୂଳକ ଖେଳ, ପିଲାମାନଙ୍କୁ ପାଠକୁ ଘୋଷି ପରୀକ୍ଷା ଦେବା ପରିବର୍ତ୍ତେ ଅନୁଭବ କରିବାର ସୁଯୋଗ ଦେଇଥାଏ । ଉଦାହରଣ ସ୍ୱରୂପ, ଗ୍ରାମାଞ୍ଚଳର ବିଦ୍ୟାଳୟଗୁଡ଼ିକରେ ବ୍ୟାଗବିହୀନ ସ୍କୁଲ ଦିନରେ ପିଲାମାନେ ସ୍ଥାନୀୟ ଜଳସ୍ରୋତମାନଙ୍କର ମାନଚିତ୍ର ପ୍ରସ୍ତୁତ କରିବା, ଫସଲ ଚାଷଜମି ଅବଲୋକନ କରିବା କିମ୍ବା ସ୍ୱଦେଶୀ ଉଦ୍ଭିଦ ଜ୍ଞାନକୁ ଲେଖାଲୁଣ୍ଡ କରିବା ପରି କାର୍ଯ୍ୟଦ୍ୱାରା ଶିକ୍ଷା ଆହରଣ କରିପାରିବେ । ଏହା ପରିବେଶ ବିଜ୍ଞାନ, ଭୂଗୋଳ ଓ ସ୍ଥାନୀୟ ଅର୍ଥନୀତିକୁ ଏକ ଏକୀକୃତ ଶିକ୍ଷାରୂପରେ ଗଠିତ କରିଥାଏ । ଆମ ଶିକ୍ଷାରେ ଏହା ପରିଲକ୍ଷିତ ଯେ, ପିଲାମାନେ ପାଠ୍ୟକ୍ରମ ଗଣିତରେ ଉତ୍କର୍ଷ କରୁଥିବାବେଳେ ମୌଳିକ ବୀଜଗଣିତ ଗଣନା ବା ମାନସାଙ୍କ ବା ବଜାରରେ ହେଉଥିବା ଜିନାକିଣା ହିସାବ କରିବାକୁ ଦ୍ୱିଧାଗ୍ରସ୍ତ ହେଉଛନ୍ତି । ନୋଏଲେ ପୁରବ୍ୟାର ବିଜେତା, ଏସ୍ଥର ରୁଥ୍ଫୋ ଏବଂ ଅଭିଜିତ୍ ବାନାର୍ଜୀଙ୍କ ସମେତ ଅନ୍ୟ ଗବେଷକଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ, ଭାରତର ଗଣିତ ଶିକ୍ଷାରେ ଏକ ସମ୍ପୂର୍ଣ୍ଣ ବିଚ୍ଛିନ୍ନତା ରହୁଛି, ଯେଉଁଠି ପିଲାମାନଙ୍କର ଗାଣିତିକ ବକ୍ଷତାଶୈଳୀ କ୍ଷଣିକ ଗଣିତରୁ, ପ୍ରୟୋଗାତ୍ମକ ଗଣିତକୁ ସ୍ଥାନାନ୍ତରିତ ହୋଇପାରୁନାହିଁ । ଗଣିତ କଥା ଆସିଲେ ସ୍କୁଲ ବକ୍ଷତା ଏବଂ ବଜାର ବକ୍ଷତା ମଧ୍ୟରେ ଏକ ବ୍ୟବଧାନ ଦେଖିବାକୁ ମିଳୁଛି, ଯାହାକୁ ଏହି ବ୍ୟାଗବିହୀନ ସ୍କୁଲ ଦିନମାନଙ୍କରେ ନକଲି ବଜାର ମାଧ୍ୟମରେ ହିସାବ କିତାବ ବା ମୌଳିକ ଆର୍ଥିକ ସାକ୍ଷରତା ଭଳି କାର୍ଯ୍ୟକ୍ରମ ଦ୍ୱାରା ସଜାଡ଼ି ହେବ । ଛାତ୍ରଛାତ୍ରୀ, ସହରାଞ୍ଚଳରେ ଛାତ୍ରଛାତ୍ରୀମାନେ କର୍ଜ୍ଜବିଷୟ, ସୁଦ, ପୁଞ୍ଜିଜମା ଏବଂ ଅଭ୍ୟାସ, ପରିବେଶ ସଚେତନତା, ସଡ଼କ ସୁରକ୍ଷା ସଚେତନତା ଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ । ଏହିପରି ଅଭିଜ୍ଞତାମୂଳକ ଶିକ୍ଷା, କଳା, ଙ୍ଗଂଖ୍ରି, ପରିବେଶ ଏବଂ ଜୀବନକୌଶଳକୁ ପାଠ୍ୟକ୍ରମରେ ଏକୀକୃତ କରିବାର ଏକ ଆଦର୍ଶ ମଂଚ ଯୋଗାଇପାରିବ । ଖେଳ ଅଭ୍ୟାସ ମାଧ୍ୟମରେ ଗଣିତ, ପ୍ରକୃତି ଅବଲୋକନ ଓ ପରୀକ୍ଷଣ ମାଧ୍ୟମରେ ବିଜ୍ଞାନ, ଗୋଷ୍ଠୀ ଆଲୋଚନା ଓ ସ୍ଥାନୀୟ ଇତିହାସ ମାଧ୍ୟମରେ ସାମାଜିକ ବିଜ୍ଞାନ ଏବଂ କାହାଣୀ, ବିତର୍କ ଓ ନାଟ୍ୟାନୁଷ୍ଠାନ ମାଧ୍ୟମରେ ଭାଷା ଶିକ୍ଷାକୁ ଅଧିକ ସଜୀବ ଓ ଅର୍ଥପୂର୍ଣ୍ଣ କରାଯାଇପାରିବ । ଏଇ ପରିପ୍ରେକ୍ଷାରେ 'ବ୍ୟାଗବିହୀନ ସ୍କୁଲ' ଶିକ୍ଷାକୁ ପ୍ରାସଙ୍ଗିକ ଏବଂ ଜୀବନ-ଜୀବିକା ସମ୍ବନ୍ଧିତ ଭାବେ ପ୍ରସ୍ତୁତ କରି ଅଧିକ ସମୃଦ୍ଧ କରାଯାଇପାରିବ । ଗୁରୁତ୍ୱପୂର୍ଣ୍ଣ ଭାବେ ଏହି ପରକ୍ଷେପ ଜାତୀୟ ଶିକ୍ଷା ନୀତି-୨୦୨୦ ଅଧୀନରେ ପରିକଳ୍ପିତ ଧାରାମୂଳକ ପ୍ରଦର୍ଶନକୁ ଅର୍ଥପୂର୍ଣ୍ଣ ଭାବେ ପାଠ୍ୟକ୍ରମ ସହିତ ସମନ୍ୱୟ କରିବାର ସୁଯୋଗ ମଧ୍ୟ ପ୍ରଦାନ କରେ । ସ୍ଥାନୀୟ କାରିଗର, ଚୁଣାକାର, କୁମ୍ଭାର, ବଢ଼େଇ କିମ୍ବା ଡିଜିଟାଲ ସେବା ପ୍ରଦାନକାରୀଙ୍କ ସହିତ ସଂକ୍ଷିପ୍ତ ଆଲୋଚନା ପିଲାମାନଙ୍କୁ ଶ୍ରମ, ବକ୍ଷତା ଓ ପ୍ରୟୋଗମୂଳକ ଜ୍ଞାନର ଗୁରୁତ୍ୱ ସହିତ ପରିଚିତ କରିପାରିବ । ଏହା ଶିକ୍ଷାକୁ ବହୁମାତ୍ରିକ, ସମାବେଶୀ ଏବଂ ସାମାଜିକ ଭିତ୍ତିସମ୍ପନ୍ନ କରିବ । ଜ୍ଞାନାତ୍ମକ ବିଜ୍ଞାନ ଏହା ସ୍ପଷ୍ଟ କରେ ଯେ ଅଭିଜ୍ଞତା, ଆବେଗ ଓ ଇନ୍ଦ୍ରିୟଗତ ସଂଲଗ୍ନତା ଉପରେ ଆଧାରିତ ଶିକ୍ଷା, ଘୋଷି କରି ପାଠପଢ଼ିବା ତୁଳନାରେ ଅଧିକ ଗଭୀର ଏବଂ ଦୀର୍ଘସ୍ଥାୟୀ । 'ବ୍ୟାଗବିହୀନ ସ୍କୁଲ' ଛାତ୍ରଛାତ୍ରୀଙ୍କ ମୌଳିକ ଦକ୍ଷତାକୁ ମଜବୁତ କରି ଶୈକ୍ଷଣିକ କ୍ଷମତାକୁ ଗଢ଼ିପାରେ, ଯାହା ଦୀର୍ଘଜୀବନ ଉତ୍ତରଶୀଳତାର ସଂଚାଳକ ଭାବରେ ସିଧାସଳଖ ଯୋଗଦାନ କରିଥାଏ । ଏହାବ୍ୟତୀତ ସ୍କୁଲବ୍ୟାଗର ଓଜନ ପିଲାଙ୍କ ଶରୀର ଓଜନର ୧୦% ରୁ ଅଧିକ ହେବା ଉଚିତ୍ ନୁହେଁ । ହେଲେ ସେଥିପ୍ରତି ବେହି ଯତ୍ନବାନ ନୁଞ୍ଚିନ୍ତି । ଫଳସ୍ୱରୂପ, ଲାଇପୋସିସ୍ ଏବଂ ସ୍କୋଲିଓସିସ୍ ପରି ମେରୁଦଣ୍ଡ ବିକୃତି, ଯାହା ପ୍ରାରମ୍ଭିକ ମେରୁଦଣ୍ଡ ଡିସ୍କ କ୍ଷତିର କାରଣ, ତାହା ପିଲାଙ୍କ ମଧ୍ୟରେ ଦେଖିବାକୁ ମିଳୁଛି । ମାଂସପେଶୀରେ ଚାପ, ଜାଳରେ ଅସନ୍ତୁଳନ ବା ବାହୁରେ ଝିମ୍‌ଝିମ୍ ହେବା, ଦୀର୍ଘଜୀବନ କେବଳ ଏବଂ ଜାଳରେ ଯନ୍ତ୍ରଣା କିମ୍ବା ଏପରିକି ଫୁସଫୁସ କ୍ଷମତା ଏବଂ ମାନସିକ ଚାପ ମଧ୍ୟ ପିଲାଙ୍କ ମଧ୍ୟରେ ଏହି ଓଜନିଆ ସ୍କୁଲବ୍ୟାଗ୍ ହେତୁ ହୋଇପାରେ, ଯାହା ଏହି ବ୍ୟାଗବିହୀନ ସ୍କୁଲ କରିଆରେ ଜିଜିବା ଲାଘବ କରାଯାଇପାରିବ । 'ବ୍ୟାଗବିହୀନ ସ୍କୁଲ' ସୁବିଧାବଂଚିତ ପୃଷ୍ଠଭୂମିର ପିଲାମାନଙ୍କ ପାଇଁ ଏକ ସଶକ୍ତିକରଣର ମଂଚ ହୋଇପାରିବ । ପାରମ୍ପରିକ ଶିକ୍ଷା ଢାଙ୍ଗ ସହିତ ଯେଉଁମାନେ ସଂଘର୍ଷ କରନ୍ତି, କିମ୍ବା ବ୍ୟାବହାରିକ, କଳାତ୍ମକ କିମ୍ବା ସାମାଜିକ କ୍ଷେତ୍ରରେ ନିଜର ଉତ୍କର୍ଷତା ଦେଖାଇପାରନ୍ତି, ସେମାନଙ୍କ ପାଇଁ ବିଦ୍ୟାଳୟରେ ଏହି ଦିନଗୁଡ଼ିକ ନିଜ ଦକ୍ଷତାକୁ ଦୃଶ୍ୟମାନ କରିବାର ଏକ ସୁଯୋଗ ପ୍ରଦାନ କରିବ । ଆଦିବାସୀ ଓ ଗ୍ରାମୀଣ ବିଦ୍ୟାଳୟଗୁଡ଼ିକରେ, ଯେଉଁଠାରେ ପିଲାମାନଙ୍କ ପାଖରେ ସମୃଦ୍ଧ ପରିବେଶଗତ, ସାଂସ୍କୃତିକ ଓ ବ୍ୟାବହାରିକ ଜ୍ଞାନ ଥାଏ, କିନ୍ତୁ ଯାହା ଆନୁଷ୍ଠାନିକ ପାଠ୍ୟକ୍ରମରେ ସ୍ୱୀକୃତିଲାଭ ପାଏନାହିଁ, 'ବ୍ୟାଗବିହୀନ ସ୍କୁଲ' ସେହି ଜ୍ଞାନକୁ ବୈଧତା ଦେବାରେ ଏକ ମହତ୍ୱପୂର୍ଣ୍ଣ ମଂଚ ପ୍ରଦାନ କରିପାରିବ । ଯେତେବେଳେ ଗୋଟିଏ ଶିଶୁ ପାରମ୍ପରିକ ବିହନ ସଂରକ୍ଷଣ, ଲୋକଗୀତ କିମ୍ବା ଜଙ୍ଗଲ ଆଧାରିତ ଜୀବିକା ପ୍ରଣାଳୀ ବିଷୟରେ ନିଜ ଅନୁଭବ କହିବାକୁ ସୁଯୋଗ ପାଏ, ସେତେବେଳେ ଶିକ୍ଷା ଏକପକ୍ଷୀୟ ଶ୍ରେଣୀଗତ ପ୍ରକ୍ରିୟା ନହୋଇ, ପାରସ୍ପରିକ ଶିକ୍ଷାର ରୂପ ନେଇଥାଏ । ଏପରି ସ୍ୱୀକୃତି ପିଲାମାନଙ୍କ ଆତ୍ମବିଶ୍ୱାସ, ଆତ୍ମସମ୍ମାନ ଓ ବିଦ୍ୟାଳୟ ବ୍ୟବସ୍ଥା ମଧ୍ୟରେ ନିଜସ୍ୱତାର ଅନୁଭୂତିକୁ ପୋଷଣ କରେ, ଯାହା ବିଦ୍ୟାଳୟକୁ ବିଚ୍ଛିନ୍ନତା ଓ ତ୍ରୁଟି ?ଆଉଟ୍ ?ର ସମ୍ଭାବନାକୁ ଗୁରୁତ୍ୱପୂର୍ଣ୍ଣ ଭାବେ ହ୍ରାସ କରିପାରିଥାଏ । ବିନା ପୁସ୍ତକରେ, ବହୁମୁଖୀ, ଅନୁଭବ- ଆଧାରିତ ଶିକ୍ଷଣ ଓ ଖେଳ-ଆଧାରିତ ଶିକ୍ଷଣ, ମସ୍ତିଷ୍କର ଏକାଧିକ ସ୍ନାୟୁବିଜ୍ଞ ପଥକୁ ସକ୍ରିୟ କରି ଯୋଜନା, ଭାବପ୍ରକଶ ନିୟନ୍ତ୍ରଣ, ସମସ୍ୟା ସମାଧାନ, ସୃଜନଶୀଳତା ଓ କାର୍ଯ୍ୟନିର୍ବାହ କ୍ଷମତାକୁ ଶକ୍ତିଶାଳୀ କରିଥାଏ । ଏହି ପରକ୍ଷେପ ମାନସିକ ସୁସ୍ଥତା ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଓ ପ୍ରଦର୍ଶନକୁ ବୃଦ୍ଧି କରିବାରେ ଏକ ପ୍ରଭାବଶାଳୀ ପଥ ଖୋଲିଦିଏ । ବ୍ୟାଗବିହୀନ ସ୍କୁଲ ଦିନକୁ ପାଠ୍ୟକ୍ରମରୁ ବିଚ୍ୟୁତି ଭାବେ ରୁହେଁ, ବରଂ ପାଠ୍ୟକ୍ରମର ଏକ ସ୍ୱାଭାବିକ ସମ୍ପୂରାରେ ଭାବେ ଦେଖିବ

# ଜନଗଣନା ୨୦୨୭ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ

## ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୩ ଦିନିଆ କର୍ମଶାଳା ଉଦ୍‌ଯାପିତ

ଝାରସୁଗୁଡ଼ା,୧୪/୩(ନି/ପ୍ର): ଆଗାମୀ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି ଏମ ଏଫ୍ ସଭାଗୃହରେ ଆୟୋଜିତ ତିନି ଦିନିଆ କ୍ଷେତ୍ର ପ୍ରଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି । ଗତ ୧୧ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୨ ଜଣ କ୍ଷେତ୍ର ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଏବଂ ଉପ-ଜିଲ୍ଲା ଜନଗଣନା ଅଧିକାରୀ ତଥା ଡେପୁଟି କଲେକ୍ଟର (ଜନଗଣନା) ଲୋପାମୁଦ୍ରା କାଲୋ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଜନଗଣନା ବିଭାଗର ଡେପୁଟି ଡାଇରେକ୍ଟର ଜୟକୃଷ୍ଣ ଭୋଇ ଏବଂ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେବେ ଜନଗଣନାର ଜଟିଳ ପ୍ରକ୍ରିୟା ଓ ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ । ପ୍ରଶିକ୍ଷଣ ସମୟରେ ବିଶେଷ କରି ଜନଗଣନା ସମ୍ପର୍କିତ ତଥ୍ୟ ସଂଗ୍ରହ, ସଠିକ୍ ଲେ-ଆଉଟ୍ ମ୍ୟାପ୍ ପ୍ରସ୍ତୁତି ଏବଂ ଆଧୁନିକ 'ଏଡଏଲଓ ମୋବାଇଲ୍ ଆପ୍'ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କିଭଳି ନିର୍ଭୁଲ ତଥ୍ୟ ସଂଗ୍ରହ କରାଯାଇପାରିବ, ସେ ନେଇ ପ୍ରଶିକ୍ଷକମାନଙ୍କୁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷ ଦିନରେ ପ୍ରଶିକ୍ଷକମାନେ କ୍ଷେତ୍ର ପରିଦର୍ଶନ କରି ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବା ସହ ବାସ୍ତବ ସ୍ଥିତିରେ ଆସୁଥିବା ସମସ୍ୟାର ସମାଧାନ ଶିଖିଥିଲେ । ଏହି ପ୍ରଶିକ୍ଷଣ ପାଇଥିବା କ୍ଷେତ୍ର ପ୍ରଶିକ୍ଷକମାନେ ଆଗାମୀ ଦିନରେ ନିଜ ନିଜ ଅଂଚଳରେ ଏନୁମେରେଟର ଏବଂ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେଇ ଜନଗଣନା କାର୍ଯ୍ୟକୁ ଆଗେଇ ନେବେ । ଏହି ଅବସରରେ ଜିଲ୍ଲା ଜନଗଣନା ଇନଚାର୍ଜ ଶ୍ରୀ ରବି ରଞ୍ଜନ, ସେକ୍ଟର ଅଫିସର ହରିହର ମାଝୀଙ୍କ ସମେତ ଜନଗଣନା ଶାଖାର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

# ହୁ ହୁ ହୋଇ ଜଳୁଛି ବଡ଼ରମା ଅଭୟାରଣ୍ୟ : ଅଚିନ୍ତା ନିଦ୍ରାରେ ବନ ବିଭାଗ

ସମ୍ବଲପୁର,୧୪/୩(ନି/ପ୍ର):ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ବଡ଼ରମା ରେଞ୍ଜ ଅଭୟରଣ୍ୟ ହୁ ହୁ ହୋଇ ଜଳି ଉଠୁଥିବା ଦେଖିବାକୁ ମିଳିଥିଲା । ଅଭୟାରଣ୍ୟରେ ଏଭଳି ଅଗ୍ନିକାଣ୍ଡ ଦେଖି ଅଂଚଳବାସୀ ଆତଙ୍କିତ ହୋଇ ପଡିଥିବା ବେଳେ ଜିଲ୍ଲା ବନ ବିଭାଗ ଅଚିନ୍ତା ନିଦ୍ରାରେ ଥିବା ଦେଖିବାକୁ ମିଳିଥିଲା । ଶୁକ୍ରବାର ପୂର୍ବାହ୍ଣରୁ ଦିନ ଦ୍ୱିପ୍ରହର ଯାଏଁ ଆଜି ବଡ଼ରମା ରାସ୍ତାର ପିଠାମାଳେନ ପାଖ ରାସ୍ତାକଡ଼ରୁଧରି ଜୁଳେଇବାହାଲ ପର୍ଯ୍ୟନ୍ତ ନିଆଁ ହୁ ହୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା । ଏଭଳି ଅଗ୍ନିକାଣ୍ଡ ଦେଖି ରେଞ୍ଜର ଗିରିଧାରୀ ପ୍ରଧାନଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇବାକୁ ଚାହୁଁନଥିଲେ । ଗ୍ରୀଷ୍ମର ପ୍ରାରମ୍ଭରୁ ବିଭିନ୍ନ ସମୟରେ ବନ ବିଭାଗ ପକ୍ଷରୁ ଗ୍ରାମେ ଗ୍ରାମେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଲୋକମାନଙ୍କୁ ଏ ବିଷୟରେ ସଚେତନ କରାଯିବା ସହ ଆଶ୍ୱାସନା ମଧ୍ୟ ଦିଆଯାଉଛି ଯେ ସବୁ ସମୟରେ ବନବିଭାଗ ଆପଣଙ୍କ ସାହାଯ୍ୟ ପାଇଁ ତତ୍ପର ଅଛି । ମାତ୍ର ଆଜି ବନବିଭାଗର ବାସ୍ତବ ରୂପରେଖ ଦେଖି ଲୋକେ ଚାହୁଁଛନ୍ତି । ଅସମୟରେ ବନ ବିଭାଗ ଅଧିକାରୀ ନିଆଁ ଲିଭାଇବେ ବଣ ଲୋକଙ୍କ ଫୋନ୍ ମଧ୍ୟ ଉଠାଇବା ପାଇଁ ଗୁରୁତ୍ୱ ଦିଉଛି ନାହିଁ । ଯାହା ଫଳରେ ଲୋକଙ୍କ ଦ୍ୱାରା ଯେଉଁଦିନ ସମ୍ବଳ ସେହିହିସାବରେ ଅଗ୍ନିନିୟନ୍ତ୍ରଣ ପାଇଁ ଚେଷ୍ଟା କରିଥିଲେ । ସେମାନଙ୍କ ପାଖରେ ସେଭଳି ସାରଞ୍ଜାମ ନ ଥିବାରୁ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିବାରେ ବିଫଳ ହୋଇଛନ୍ତି । ଆଜିର ଘଟଣା ପରେ ଲୋକେ ଅଭିଯୋଗ କରନ୍ତି ସଚେତନତା କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପାଖରୁ ଛି ଛି ମୋଟା ଅଙ୍କର ଆର୍ଥିକ ଅନୁଦାନ ମିଳୁଥିବାରୁ କେବଳ ଅନୁଦାନ ଅର୍ଥ ହଡ଼ପ ଉଦେଶ୍ୟରେ ବନ ବିଭାଗ ଆଦିବାସୀ ଅଧ୍ୟୁଷିତ ଗାଁ ଗହଳିର ସଜଳ ଲୋକଙ୍କୁ ଲୋକ ଦେଖାଣିଆ ଭାବେ ସଚେତନତା କାର୍ଯ୍ୟକ୍ରମ କରାଉଛି । ବାଷ୍ପ ଅମଳ ସମୟରେ ଜଙ୍ଗଲୀ ପଶୁଙ୍କ ବିଷୟରେ ସଚେତନତା ହେଉ ଅବା ଗ୍ରୀଷ୍ମ ସମୟରେ ବନାଗ୍ନୀ ସଚେତନତା ହେଉ କେବଳ ସରକାରଙ୍କ ବୃଷ୍ଟି ଆକର୍ଷଣ ପାଇଁ ଲୋକଙ୍କୁ କମାଇ ଫୋଟୋ ଉଠାଇବା ହିଁ ମୁଖ୍ୟକାରଣ ପାଲଟିଛି । ଜଙ୍ଗଲ ବିଭାଗର ଏଭଳି ଅବହେଳାକୁ ଦେଖି ଲୋକଙ୍କ ମନରେ ଜଙ୍ଗଲ ବିଭାଗ ପ୍ରତି ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଆଜି ଅଭୟାରଣ୍ୟ ଜଳୁଥିବା ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପ୍ରଧାନଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲା କିନ୍ତୁ ସେ ଫୋନ୍ ଉଠାଇ ନ ଥିଲେ । ଏହା କେବଳ ଆଜିର ଘଟଣା ନୁହେଁ ଅନ୍ୟ ଦିନରେ ମଧ୍ୟ ରେଞ୍ଜରଙ୍କ ଏହି ପ୍ରକୃତିକୁ ଲୋକେ ନିନ୍ଦା କରୁଥିବା ଦେଖିବାକୁ ମିଳିଛି ।

# ବରିଷ୍ଠ ଶ୍ରମିକ ନେତା କରୁଣାକର ଦାସଙ୍କ ବିୟୋଗରେ ଶୋକସଭା

ରାଉରଙ୍ଗପୁର,୧୪/୩(ନି/ପ୍ର): ଭାରତୀୟ ମଜଦୁର ସଂଘର ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଶ୍ରମିକ ନେତା କରୁଣାକର ଦାସଙ୍କର ଗତ ମାର୍ଚ୍ଚ ୧୧ ତାରିଖରେ ନିଜ ଗ୍ରାମ ବଡସାହି ଠାରେ ଦେହାନ୍ତ ହୋଇଯାଇଛି । ଏହି ପରିପ୍ରେକ୍ଷାରେ, ବାମନଘାଟୀ ଓ ପାଂଚପୀଚ ଉପଖଣ୍ଡରେ ଥିବା ଭାରତୀୟ ମଜଦୁର ସଂଘର ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ଫ ଏଥିରେ ଜିଲ୍ଲାର ଅଙ୍ଗନୱାଡିକର୍ମୀ, ଆଶାକର୍ମୀ, ପାଚିକା, ବିଭିନ୍ନ କଳକାରଖାନା, ଖଣିରେ କାର୍ଯ୍ୟ କରୁଥିବା ସଂଘର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ କରୁଣାକର ଦାସଙ୍କର ସ୍ମୃତିଚାରଣ କରିଥିଲେ । ଏଥିରେ ରାଜ୍ୟ ପଦାଧିକାରୀ ତଥା ମୟୂରଭଞ୍ଜ ଜିଲ୍ଲାର ବି.ଏମ୍.ଏସ୍. ର ଉପଦେଷ୍ଟା ନିଗମାନନ୍ଦ ପଟ୍ଟନାୟକ କହନ୍ତି, ଶ୍ରୀ ଦାସ ସମଗ୍ର ଜିଲ୍ଲାରେ ଶ୍ରମିକମାନଙ୍କ ହିତବୃଦ୍ଧିରୁ କାର୍ଯ୍ୟ କରୁଥିଲେ । ବିଭିନ୍ନ ସମୟରେ ଜିଲ୍ଲା, ରାଜ୍ୟ ତଥା ଦିଲ୍ଲୀ ପର୍ଯ୍ୟନ୍ତ ବହୁ କାର୍ଯ୍ୟକ୍ରମରେ ଯୋଗଦାନ କରି ଶ୍ରମିକମାନଙ୍କର ନାର୍ଯ୍ୟଯାବାଦୀ ଉପରେ ସ୍ୱର ଉତୋଳନ କରିଥିଲେ । ତାଙ୍କ ଭଳି ଦକ୍ଷ କାର୍ଯ୍ୟକର୍ତ୍ତାଙ୍କୁ ହରାଇ ଥିବାରୁ ଆମେ ମର୍ମାହତ । ଭଗବାନ ତାଙ୍କ ପରିବାରକୁ ଶାନ୍ତି, ସ୍ୱସ୍ତି ତଥା ମଙ୍ଗଳ ଅଧିକାରୀ କରି ରଖନ୍ତୁ ବୋଲି କହିଥିଲେ । ତାଙ୍କର ସହଧର୍ମିଣୀ ପଦ୍ମରାଣୀ ଦାସ ମଧ୍ୟ ବରସାଣି ଅଙ୍ଗନୱାଡି ଏସୋସିଏସନର ସଭାପତି ସହ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ଦାୟିତ୍ୱ ନେଇ ସଂଘ୍ରାମ କରୁଥିଲା ବେଳେ ସରକାର ଆନ୍ଦୋଳନମୂଳକ ଭାବେ ଚାଳିତାରୁ ବହିଷ୍କାର କରିଥିବାରୁ ଖୋଭ ପ୍ରକାଶ ପାଇଥିଲା । ତାଙ୍କ ପରିବାର ସଂଘ ପାଇଁ କାର୍ଯ୍ୟକରି ବହୁ ସଂଘର୍ଷ ଭିତରେ ଗତି କରି ମଧ୍ୟ ଶେଷ ପର୍ଯ୍ୟନ୍ତ ସଂଘ ପାଇଁ ସମୟ ଦେଇ ଆସୁଥିଲେ ।

# ଜିଲ୍ଲା ପ୍ରଶାସନ ଓ ଆଶାଦୀପ ବେସରକାରୀ ଅନୁଷ୍ଠାନ ଓ ସୋନପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ସୁବର୍ଣ୍ଣପୁର,୧୪/୩(ନି/ପ୍ର): ସୋନପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ନାବାର୍ଡ ଏବଂ ଆଶାଦୀପ ବେସରକାରୀ ଅନୁଷ୍ଠାନ ଓ ଜିଲ୍ଲା ପ୍ରଶାସନର ଯୁକ୍ତ ଉଦ୍ୟମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅଶ୍ୱିନୀ ମେହେର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶ୍ରୀମତୀ ବୀଣାପାଣି ମିଶ୍ର, ସୋନପୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀ ପ୍ରତୀକ କୁମାର ଜଳ, ସାଧାରଣ ପରିଚାଳକ, ଡି.ଆର.ସି, ସୁବର୍ଣ୍ଣପୁର, ସତ୍ୟସ୍ୱରୂପ, ଦେବାନ୍ତ, ଡି.ଡି.ଏମ, ନାବାର୍ଡ, ସୁବର୍ଣ୍ଣପୁର, ଜାତିବେଣ୍ଡର ପଣ୍ଡା, ଅଗ୍ରଣୀ ଜିଲ୍ଲା ଅଧିକାରୀ (ବ୍ୟାଙ୍କ), ଲୁସି ପ୍ରିୟଦର୍ଶିନୀ, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ, ତପନ କୁମାର ପଟ୍ଟନାୟକ ଓ ଆଶାଦୀପ ବେସରକାରୀ ଅନୁଷ୍ଠାନ ସଭାପତି ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ମେହେର ମହିଳାମାନଙ୍କୁ ଉଦ୍ବୋଧନ ଦେଇ କହିଥିଲେ ଯେ ପରିବାର ଗଠନରେ ମହିଳାମାନଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଦେଶର ଉନ୍ନତିରେ ସେମାନେ ମେରୁଦଣ୍ଡ ଭୂମିକା ନିଭାଇପାରିବେ । ନିଜ ଅବକାଶ ସମୟକୁ ଆୟମୂଳକ କାର୍ଯ୍ୟରେ ବ୍ୟୟ କଲେ ସେମାନେ ଆର୍ଥିକ ଭାବେ ଆତ୍ମନିର୍ଭର ହୋଇପାରିବେ । ସେହିପରି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ ହୋଇ ତାହାର ଲାଭ ଉଠାଇ "ଲକ୍ଷପତି ବିଦି" ହେବାର ସୁଯୋଗ ଦେବାକୁ ସେ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ । ଆଶାଦୀପ ଏକ ବେସରକାରୀ ସଂସ୍ଥା ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଦକ୍ଷତା ବିକାଶ, ସଚେତନତା ସୃଷ୍ଟି ଓ ବିଭିନ୍ନ ପ୍ରକାରର ଖାଦ୍ୟ ତିଆରି ପ୍ରଶିକ୍ଷଣ ଭଳି କାର୍ଯ୍ୟକ୍ରମ କରୁଥାଏ । ଏହା ମହିଳାମାନଙ୍କର ବୃଣମୂଳ ସ୍ତରରେ ବିକାଶରେ ପ୍ରତ୍ୟକ୍ଷ ଭାବେ ଜଡିତ । ଏହି ଅବସରରେ ଶ୍ରୀମତୀ ବୀଣାପାଣି ମିଶ୍ର ଉପସ୍ଥିତ ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ବିଷୟରେ ଅବଗତ କରାଇଥିଲେ । ଅନୁସୂଚିତ ଜାତି, ଜନଜାତି ଓଡ଼ି ଓ ବିଧବା ମହିଳାମାନେ ଏହି ଯୋଜନାରେ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପାଇପାରିବେ । ସରକାର ୧୦ ହଜାର ଟଙ୍କାର ଉପହାର ଏବଂ ଝିଅମାନଙ୍କ ପାଇଁ ୩୫୦୦୦ ଟଙ୍କା ସରକାର ବ୍ୟାଙ୍କ ଖାତାରେ ଜମା କରିବେ । ପରିଶେଷରେ ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରତୀକ ଜେନା ମାମାମାନଙ୍କୁ ତାଙ୍କ ଉପସ୍ଥିତ ଦ୍ରବ୍ୟକୁ ଝିଅରି ବଜାରରେ ବିକ୍ରୟ କରିପାରିବେ ଏବଂ ଅନଲାଇନ ମାର୍କେଟିଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ଅନୁଗୋଳ,୧୪/୩ (ନି/ପ୍ର): ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର୍ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଫେବୃଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା ।ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଫେବୃଆରୀ ମାସରେ ଜିଲ୍ଲାରେ ମୋଟ ୪୦ଟି ଦୁର୍ଘଟଣା ଘଟିଥିବାବେଳେ ୧୯ ଜଣଙ୍କର ମୃତ୍ୟୁ ଘଟିଛି ଓ ୨୧ଜଣ ଆହତ ହୋଇଛନ୍ତି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଚଂ ସମୟରେ ବିନା ହେଲମେଟରେ ଗାଡି ଚାଳନା ଯୋଗୁଁ ୧୧୧୫ ଜଣ, ଦ୍ରୁତ ଗାଡି ଚାଳନ କରିବା ନିମନ୍ତେ ୧୦୩୩ ଜଣ , ମଦ୍ୟପାନ କରି ଗାଡି ଚାଳନ ନିମନ୍ତେ ୧୮ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବା ବେଳେ ୪୩୭ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିରଚିଂ ବାଗ, ଉପ-ଜିଲ୍ଲାପାଳ ଶ୍ରୀ ମାଧାବର ବେହେରା , ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମିତ କୁମାର, ଢାଙ୍କନାଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଖାଉଟିଙ୍କୁ ମହଙ୍ଗା ମାଡ଼: ୫ କେଜି ସିଲିଣ୍ଡର୍ ପାଇଁ ଗଣିବାକୁ ପଡ଼ିବ ୭୫୦ ଟଙ୍କା !

ଜଜକ, ୧୪ ମାର୍ଚ୍ଚ (ନି/ପ୍ର): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରେ ଦେଖାଦେଇଥିବା ରନ୍ଧନ ଗ୍ୟାସ୍ ସଙ୍କଟ ଏବେ ସାଧାରଣ ଖାଉଟିଙ୍କୁ ନୟାନ୍ତ ଜଳାଣି । ପ୍ରଥମେ ୧୯ କେଜିର ସିଲିଣ୍ଡର ବ୍ୟବହାର କରୁଥିବା ବ୍ୟବସାୟୀ ପ୍ରତିଷ୍ଠାନ ଓ ପରେ ୧୪ କେଜିର ସିଲିଣ୍ଡର ନେଉଥିବା ଗରୋଜ ଗ୍ରାହକ ହଇରାଣ ହେଉଥିବା ବିଷୟ ସାମ୍ନାକୁ ଆସିଥିଲା । ଏବେ ୫ କେଜିର ସିଲିଣ୍ଡର ବ୍ୟବହାର କରୁଥିବା ଲୋକ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ୫ କେଜିର ସିଲିଣ୍ଡର ବ୍ୟବହାର କରୁଥିବା ଛୋଟ ପରିବାର, ମେସୁ ଛାତ୍ରୀଛାତ୍ରୀ ଓ ଶ୍ରମିକ ଶ୍ରେଣୀର ଲୋକେ ବେଳାଏ ଖାଦ୍ୟ ରାନ୍ଧିବା ପାଇଁ ହାନସ୍ତା ହେଉଛନ୍ତି । ଖାଲି ଏତିକି ନୁହେଁ, ବିବାହ ବା ଅନ୍ୟାନ୍ୟ ଭୋଜି ଆୟୋଜନ କରୁଥିବା ପରିବାର ଓ ଜ୍ୟାଟରିଂ ସଂସ୍ଥାରେ ଚି ଗ୍ୟାସ୍ ନେଇ ଭାବେଶି ପଡ଼ିଛି । ସହରର ଏମତି ହଜାର ହଜାର ଛୋଟ ପରିବାର ରହୁଛନ୍ତି ଯେଉଁମାନେ ବିନା ସଂଯୋଗରେ ୫କେଜିର ଗ୍ୟାସ୍ ସିଲିଣ୍ଡର ରଖି ରୋଷେଇ କରିଥାନ୍ତି । ସେହିଭଳି ମେସ୍ ?ରେ ରହୁଥିବା ଛାତ୍ରଛାତ୍ରୀ, ମେସ୍‌ରେ ରହୁଥିବା କିଛି ଯୁବବର୍ଗ ଓ ଦିନମଜୁରିଆମାନେ ପ୍ରାୟ ଏଭଳି ୫ କେଜିର ସିଲିଣ୍ଡର ବ୍ୟବହାର କରନ୍ତି । ଯଦିଓ ଏମାନଙ୍କ ମଧ୍ୟରୁ କିଛି ପରିବାର ପାଖରେ ବୈଧ ଗ୍ୟାସ୍ ସଂଯୋଗ ରହିଥାଏ, ତଥାପି ସେମାନେ ବଜାରରେ ସହଜ ଓ ସୁବିଧାରେ ହେଉଥିବା ରିଫିଲିଂ କରି ତାହାକୁ ବ୍ୟବହାର କରନ୍ତି । ଏବେ ଏଭଳି ଗ୍ରାହକ ଏବେ ସବୁଠୁ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେଉଁ ଦୋକାନରେ ଏସବୁ ସିଲିଣ୍ଡର ରିଫିଲିଂ କରାଯାଏ ସେଠାରେ କିଛି ?ଲୁଲ ଗ୍ୟାସ୍ ସିଲିଣ୍ଡର ନାହିଁ । ଯେଉଁ ଅଳ୍ପ କିଛି ଦୋକାନରେ ଏଭଳି ଗ୍ୟାସ୍ ସିଲିଣ୍ଡର ଅଛି ସେମାନେ ଭଡା ବଦଳେ ଅର୍ଥାତ୍ ଗ୍ୟାସ୍ କେଜି ୧୪୦ରୁ ୧୫୦ ଟଙ୍କା ଜରି ନେଉଛନ୍ତି । ପୂର୍ବରୁ ଯେଉଁ ୫ କେଜିର ସିଲିଣ୍ଡର ଭରିବା ପାଇଁ ୪୫୦ରୁ ୫ଶହ ଟଙ୍କା ପଡୁଥିଲା ବେଳେ ୭୫୦ ଟଙ୍କା ପଡୁଛି । ତାହା ପୁଣି କମ୍ ସ୍ଥାନରେ ଉପଲବ୍ଧ ହେଉଛି । ତେଣୁ ଏଭଳି ଗ୍ରାହକ ଏବେ ବେଳାଏ ରାନ୍ଧିବାକୁ ନୟାନ୍ତ ହେଉଛନ୍ତି । ସେହିପରି ବାହାଘର ଗରୁ ଚାଲିଥିବାରୁ ସମସ୍ୟା ଦୁଇଗୁଣା ହୋଇଛି । ବଡ଼ବଡ଼ ଭୋଜିରେ ସର୍ବନିମ୍ନ ୫ରୁ ୧୫ଟି ପର୍ଯ୍ୟନ୍ତ ଗ୍ୟାସ୍ ସିଲିଣ୍ଡର ଲାଗୁଛି । ପୂର୍ବରୁ ଘରଲୋକ ସପ୍ତାଏକାଠାରୁ ସିଲିଣ୍ଡର ଆଣି ଭୋଜି ରାନ୍ଧୁଥିଲେ । ଏବେ ସହରରେ ଗ୍ୟାସ୍ ମିଳିବା ସମ୍ଭବ ହେଉନାହିଁ । ତେଣୁ ସେମାନେ ନୟାନ୍ତ ହେଉଛନ୍ତି । ସେହିପରି ଗ୍ୟାସ୍ ସିଲିଣ୍ଡର ମିଳୁ ନଥିବାରୁ ଖାଦ୍ୟ ଅର୍ଡର ବହୁ କ୍ୟାଟେରିଂ ସଂସ୍ଥା ରଖୁନାହାନ୍ତି । ଗ୍ୟାସ୍ ବଦଳରେ ବୁଲି ରନ୍ଧା ଖାଦ୍ୟ ସମସ୍ତେ ଖାଇବାକୁ ପସନ୍ଦ କରନ୍ତି ନାହିଁ । ତେଣୁ କ୍ୟାଟରିଂ ସଂସ୍ଥାରେ ବି ବେପାରକୁ ନେଇ ଭାବେଶି ପଡ଼ିଛି ।

## ରାଜ୍ୟରେ ଗ୍ୟାସ୍ ଓ ଇନ୍ଧନ ତୈଳର ଉପଲବ୍ଧତା ନେଇ ବିଭିନ୍ନ ତୈଳ କମ୍ପାନୀର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

# ଜନସାଧାରଣଙ୍କୁ ଆତଙ୍କିତ ନ ହେବାକୁ ମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୪/୩(ନି/ପ୍ର): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟର

## ସାଇବର ଠକେଇ ମାମଲାରେ ରାଉରକେଲା ପୋଲିସ୍ ପକ୍ଷରୁ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ

ରାଉରକେଲା,୧୪/୩(ନି/ପ୍ର): ଓଡିଶା ପୋଲିସ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ସାଇବର ଅପରାଧ ପ୍ରବର୍ଜନ ପରଚେଷ୍ଟେ ସ୍ୱରୂପ 'ସାଇବର ଲଭଟ'ରେ ରାଉରକେଲା ପୋଲିସ ପକ୍ଷରୁ ଜଟକର ସିଆଇଡି ସିବିରୁ ପ୍ରାପ୍ତ ସମସ୍ତ ମୂଳ ଆକାଉଣ୍ଟ ଯାଙ୍ଚ କରାଯାଇଥିଲା । ଏସ୍‌ଆଇ ଆର ଏନ୍ ପରିଚା ଏବଂ ଏଏସ୍‌ଆଇ ଏଲ୍ ସେଠିଙ୍କ ସମେତ ଅନ୍ୟମାନଙ୍କ ଦ୍ୱାରା ଆକାଉଣ୍ଟ ଯାଙ୍ଚ ସମୟରେ ସେମାନେ ବନ୍ଧମୁଣ୍ଡା ଜବାଘାଟ ଡ୍ରାହୁଣ୍ଡ ଟୋଲାର ଗଣେଶ ତିର୍କୀ (୩୭)ଙ୍କ ଏକାଉଣ୍ଟଟଙ୍କ ସଂଶ୍ଳିଷ୍ଟ ଥିବା ପାଇଥିଲେ। ତାଙ୍କ ନାମରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟ ନମ୍ବର: ୦୭୯୬୨୦୨୧୦୦୦୦୦୦୪୩୨ , ଆଇଏଫସି କୋଡ୍ ପିୟୁଏନବି ୦୦୭୯୬୨୦ରେ ୫ ଲକ୍ଷ ଟଙ୍କା ବିବାଦିତ କାରବାର କରାଯାଇଥିଲା ଏବଂ ସେ ସାରା ଦେଶରେ ପ୍ରାୟ ଏକ କୋଟି ଟଙ୍କାର ଠକେଇ କାରବାରରେ ଜଡିତ ଥିବା ଜଣାପଡ଼ିଥିଲା । ତାଙ୍କ ବିରୁଦ୍ଧରେ ୫୦ରୁ ଅଧିକ ଆନ୍ତଃରାଜ୍ୟ ସାଇବର ଅପରାଧ ଅଭିଯୋଗ ରିପୋର୍ଟ ହୋଇଛି । ତେଣୁ ସତକାଲି ଅର୍ଥାତ୍ ୨୦୨୬ ମାର୍ଚ୍ଚ ୧୨ ତାରିଖ ଅପରାହ୍ନ ୩ଟା ସମୟରେ ସନ୍ଦିଗ୍ଧ ଗଣେଶ ତିର୍କୀଙ୍କୁ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ ସେ ସ୍ୱୀକାର କରିଥିଲେ ଯେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟ ନଂ ୭୯୬୨୦୨୧୦୦୦୦୦୦୪୩୨ ତାଙ୍କର । ସେ ସ୍ୱୀକାର କରିଥିଲେ ଯେ, ତାଙ୍କ ବନ୍ଧୁ ରାଉରକେଲା ଜଗଦୀଶ ଅଟଙ୍କର ଜେଡି-୧୭୨ର ଆଶୁତୋଷ କୁଜୁର (୩୯), ତାଙ୍କ ବ୍ୟାଙ୍କ ଆକାଉଣ୍ଟର ବିବରଣୀ ମାଗିଥିଲେ ଏବଂ ତା ବଦଳରେ ସେ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ପ୍ରତି ମାସରେ ସେହି ଆକାଉଣ୍ଟ ବ୍ୟବହାର କରି ଫିଙ୍ଗି, ଫୋନ ପେ, ଜ୍ୟାସ ବ୍ୟାଙ୍କ୍ ଠକେଇ ଭଳି ସାଇବର ସକ୍ଷମ ଅପରାଧ ମାଧ୍ୟମରେ ପ୍ରାପ୍ତ ଟଙ୍କା ପାଇବାପରେ ତାଙ୍କୁ କିଛି ଟଙ୍କା ଦେବେ । ସେଥିରେ ଅନଲାଇନ୍ ପାର୍ଟ ଟାଇମ୍ ଚାକିରି ଠକେଇ, ନିବେଶ ଠକେଇ, ଗୁଗୁଲ୍ ସମୀକ୍ଷା ଠକେଇ ଆଦି ଅନ୍ତର୍ଭୁକ୍ତ । ଲୋଭରେ ପ୍ରବର୍ତ୍ତିତ ହୋଇ ଗଣେଶ ତିର୍କୀ ଉକ୍ତ ବ୍ୟକ୍ତିଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ପ୍ରଦାନ କରିଥିଲେ । ତେଣୁ ଏଥିରେ ଆଶୁତୋଷ କୁଜୁରଙ୍କୁ ଗିରଫ କରାଯାଇଥିଲା ଏବଂ ପଚରାଉଚରା ସମୟରେ ସେ ସ୍ୱୀକାର କରିଥିଲେ ଯେ ସେ ବିଭିନ୍ନ ଠକଙ୍କ ଠାରୁ ବେଆଇନ ଟଙ୍କା ପାଇବା ଉଦ୍ଦେଶ୍ୟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟ ନଂ ୦୭୯୬୨୦୨୧୦୦୦୦୦୪୩୨ ବ୍ୟବହାର କରୁଥିଲେ । ତେଣୁ, ସେମାନଙ୍କ ଜବାବୁ ଗଣେଶ ତିର୍କୀ ଏବଂ ଆଶୁତୋଷ କୁଜୁରଙ୍କ ଆଧାର କାର୍ଡ ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତ ବ୍ୟକ୍ତି ଗଣେଶ ତିର୍କୀ ଏବଂ ଆଶୁତୋଷ କୁଜୁର ଲୋଭରେ ବଶବର୍ତ୍ତୀ ହୋଇ ଗଣେଶ ତିର୍କୀଙ୍କୁ ପ୍ରରୋଚିତ କରିଛନ୍ତି ଏବଂ ଜନସାଧାରଣଙ୍କୁ ଠକିବା ଉଦ୍ଦେଶ୍ୟରେ ଜଣ୍ଟୁମେଟଙ୍କ ଜାଲ କରି ନିଜ ପରିଚୟ ସୃଷ୍ଟି କରିଛନ୍ତି । ସେମାନେ ବେଆଇନ ଲାଭ ପାଇଁ ଆହୁରି ଅନେକ ନକଲି ଆକାଉଣ୍ଟ ମଧ୍ୟ ଖୋଲିଛନ୍ତି ଯାହା ପୋଲିସ୍ ପକ୍ଷରୁ ଯାଞ୍ଚ ଚାଲିଛି । ଗିରଫ ଅଭିଯୁକ୍ତ ବ୍ୟକ୍ତି ହେଲେ ବନ୍ଧମୁଣ୍ଡା ଜଗନ୍ନାଥ ମନ୍ଦିର ନିକଟସ୍ଥ ଜବାଘାଟ ଡ୍ରାହୁଣ୍ଡ ଟୋଲାର ଗଣେଶ ତିର୍କୀ (୩୭), ଝିରପାଣି ଥାନା ଜଗଦୀ ଜେଡି-୧୭୨ର ଆଶୁତୋଷ କୁଜୁର (୩୯) । ପୋଲିସ୍‌ଗଣେଶ ତିର୍କୀ ଏବଂ ଆଶୁତୋଷ କୁଜୁର ଉଭୟଙ୍କ ଆଧାର କାର୍ଡସହିତ ଅମ୍ବୁଲ ଏକ ଆଧାର କାର୍ଡ, ମୋବାଇଲ୍ ଫୋନ୍-୨ଟି, ଗୋଟିଏ ସ୍ମାର୍ଟ ଫୋନ୍, ବିଭିନ୍ନ ବ୍ୟାଙ୍କର ଆକାଉଣ୍ଟ ପାସ୍ ବୁକ୍ ୮ଟି, ଅଭିଯୁକ୍ତ ଆଶୁତ ଜୁଜୁରଙ୍କ ନାମରେ ଆକାଉଣ୍ଟ ପାସ୍ ବୁକ୍ ୧୭ଟି, ବିଭିନ୍ନ ବ୍ୟାଙ୍କର ଚେକ୍ ବୁକ୍ ୧୧ଟି, ଚେକ୍‌ବିଟ୍ କାର୍ଡ଼ଟି, ପ୍ୟାନ୍ କାର୍ଡ଼ଟି ଜବତ୍ କରାଯାଇଛି । ଏ ନେଇ ଝିରପାଣି ଥାନାରେ ବିଏନ୍‌ଏସ୍ ଏବଂ ଆଇଟି ଆକ୍ଟର ବିଭିନ୍ନ ଧାରାରେ କେସ୍ ନମ୍ବର ୪୪ ବୁଜୁକରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଉରକେଲା,୧୪/୩(ନି/ପ୍ର): ରାଉରକେଲା ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ବିଭୁ ରଞ୍ଜନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସରିଯିବା ପରେ ତାଙ୍କୁ ମହାବିଦ୍ୟାଳୟ ତରଫରୁ ଉଚ୍ଚସ୍ଥିତ ସମ୍ବର୍ଦ୍ଧନା ଦିଆଯାଇଛି । ଆଇନ ମହାବିଦ୍ୟାଳୟ ଆଲୁମନି ଆସୋସିଏସନ୍ ର ସଭାପତି ଡ ସୁମନ ବଡଜେନା ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ତ୍ରିଲୋଚିନାଥ ପାଣ୍ଡେଙ୍କ ଆବାହକତ୍ୱରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇନ ମହାବିଦ୍ୟାଳୟର ସଭାପତି ଜଂ ଯତୀନ ନାୟକ ମୁଖ୍ୟଅତିଥି, ବିଦାୟୀ ଅଧ୍ୟକ୍ଷ ଡ ପଟ୍ଟନାୟକ ସ୍ୱତନ୍ତ୍ର ଅତିଥି,ଆଲୁମନୀ ମନୋରଞ୍ଜନ ଦାଶ ଓ ସମ୍ପ୍ରତି ମହାବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ ସମ୍ପାଦିକା ମହାନ୍ତି ସମ୍ବାଦିକ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ଅତିଥି ବିଦାୟୀ ଅଧ୍ୟକ୍ଷ ଡ ପଟ୍ଟନାୟକଙ୍କ ମହାବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଐକ୍ୟବଦ୍ଧତା ଓ ଭାଇଚାରା ତଥା ଶିକ୍ଷା ପ୍ରତି ଆଗ୍ରହ ବଢାଇବା ପାଇଁ ଚେଷ୍ଟା ହିଁ ମହାବିଦ୍ୟାଳୟ ମନୋରଞ୍ଜକ ବୋଲି ମତ ରଖିଥିଲେ । ସମ୍ବର୍ଦ୍ଧନା ପ୍ରତ୍ୟୁତରରେ ଡ ପଟ୍ଟନାୟକ ଏହି ସମୟ ତାଙ୍କ ପାଇଁ ସ୍ମରଣୀୟ ଓ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଆଲୁମନି ସଭାପତି ଡ ବଡ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ତଥା ସମ୍ପାଦକ ଶ୍ରୀ ପାଣ୍ଡେ ଡ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମ୍ପାଦକ ଦେବାଶିଷ ମହାନ୍ତି, ଘୋଷାଧ୍ୟକ୍ଷ ଡ ପ୍ରଜ୍ଞାପରମିତା ପଣ୍ଡା, ଆଇନଜୀବୀ ଆରତୀ ଚୌଧୁରୀ, ଅଧ୍ୟାପକ ଚନ୍ଦ୍ରରାଜ ପାଢ଼ୀ,ଡ ଦିବ୍ୟଜ୍ୟୁତି ପଣ୍ଡା,